**୨୮ ନାମାଙ୍କନ ପ୍ରତ୍ୟାହାର**

ରାଜନଗର,(ଡି.ଏନ.ଏ.): ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନରେ ରାତି ଯାଏ ରାଜନଗର ବ୍ଲକ କାର୍ଯ୍ୟାଳୟରେ ଭିଡ଼ ଲାଗି ରହିଥିଲା। ମଙ୍ଗଳବାର ସକାଳ ୧୦ଟାରୁ ନାମାଙ୍କନ ପ୍ରତ୍ୟାହାର କରିବାକୁ ଆସିଥିବା ପ୍ରାର୍ଥୀମାନେ ରାତି ପର୍ଯ୍ୟନ୍ତ ଧାଡ଼ିରେ ଛିଡ଼ା ହୋଇଥିଲେ। ୯୭ ଜଣ ୱାର୍ଡ ସଭ୍ୟ, ୧୯ଜଣ ସରପଞ୍ଚ, ୧୨ଜଣ ସମିତିସଭ୍ୟ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ଦୁଇଦିନରେ ୧୩୨ଜଣ ୱାର୍ଡ ସଭ୍ୟ, ୨୫ଜଣ ସରପଞ୍ଚ ଓ ୧୮ଜଣ ସମିତିସଭ୍ୟ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ସୂଚନାଯୋଗ୍ୟ, ନାମାଙ୍କନ ପ୍ରତ୍ୟାହାର ପରେ ୱାର୍ଡ ସଭ୍ୟ ପଦବୀ ପାଇଁ ୭୫୪ ଜଣ, ୨୯ ସରପଞ୍ଚ ପଦବୀ ପାଇଁ ୯୨ଜଣ, ୨୯ ସମିତିସଭ୍ୟ ପଦବୀ ପାଇଁ ୮୬ଜଣ ନିର୍ବାଚନ ମଇଦାନରେ ରହିଛନ୍ତି।

## ସଂକ୍ଷେପରେ

### ଜିଲା ପରିଷଦରେ ୩ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର

**ଜଗତ୍‌ସିଂହପୁର ଅଫିସ,୨୫।୧:** ଜଗତ୍‌ସିଂହପୁର ଜିଲାର ମୋଟ ୨୬ଟି ଜିଲା ପରିଷଦ ଜୋନ ପାଇଁ ୧୦୬ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। କିନ୍ତୁ ମଙ୍ଗଳବାର ଏରସମା, ବାଲିକୁଦା ଓ କୁଜଙ୍ଗ ବ୍ଲକ ଅଞ୍ଚଳରୁ ଜଣେ ହିସାବରେ ୩ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏବେ ୧୦୩ ଜଣ ମଇଦାନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରେ କୁଜଙ୍ଗରୁ ୧୩, ନାଉଗାଁ ୬, ଜଗତ୍‌ସିଂହପୁର ୧୬, ରଘୁନାଥପୁର ୭, ବିରିଡ଼ି ୧୦ ଓ ତିର୍ତ୍ତୋଲରୁ ୧୫ ସମେତ ଏରସମାରୁ ଓ ବାଲିକୁଦା ବ୍ଲକରୁ ୧୮ ଜଣ ଲେଖାଏ ପ୍ରାର୍ଥୀ ରହିଛନ୍ତି। ଦଳୀୟ ସ୍ଥିତି ଅନୁସାରେ ବିଜେଡି, ଭାଜପାରୁ ସମସ୍ତ ଜୋନ୍‌ରେ ପ୍ରାର୍ଥୀ ଚୂଡ଼ାନ୍ତ ହୋଇଥିବାବେଳେ କଂଗ୍ରେସର କୁଜଙ୍ଗ ୩ ନଂ. ଜୋନ୍‌ରୁ କେହି ପ୍ରାର୍ଥୀ ନ ଥିବା ଜଣାପଡିଛି। ସେହିପରି ଅନ୍ୟ ଦଳ ଯଥା ବିଏସ୍‌ପିରୁ ୧୨, ସିପିଆଇରୁ ୨, ସିପିଆଇ(ଏମ୍)ରୁ ୧, ଏଏପି (ଆମ ଆଦ୍‌ମୀ ପାର୍ଟି)ରୁ ୫ ଓ ସ୍ୱାଧୀନ ଭାବେ ୬ ଜଣ ପ୍ରାର୍ଥୀ ରହିଛନ୍ତି।

### ୱାର୍ଡସଭ୍ୟ ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

**କୁଜଙ୍ଗ,୨୫।୧ (ଡି.ଏନ୍.ଏ.):** ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ କୁଜଙ୍ଗ ବ୍ଲକ ନାଉଡିଆ ଗ୍ରାମର ୱାର୍ଡସଭ୍ୟ ପ୍ରାର୍ଥୀଙ୍କୁ ସୋମବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଭାଜପା ସମର୍ଥିତ ପ୍ରାର୍ଥୀ ହୃଷୀକେଶ ନାୟକ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ସ୍ତ୍ରୀ ବିଜୟା ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୮/୨୨)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୧ଟା ବେଳେ ହୃଷୀକେଶ ଘରକୁ ଫେରୁଥିବାବେଳେ ଉକ୍ତ ଗ୍ରାମର ପପୁନି ନାୟକ ଓ ତୋଫାନ ନାୟକ ଗାଁ ରାସ୍ତାରେ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ହୃଷୀକେଶ ଜୀବନ ବିକଳରେ ଦୌଡ଼ିଯାଇ ନିକଟରେ ଥିବା ଜଣଙ୍କ ଘର ଆଗରେ ପଡ଼ିଯାଇଥିଲେ। ସେଠାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାରାଦୀପ ଲକ୍ ଥାନାରେ ଖବର ଦେଇଥିଲେ। ପୋଲିସ ହୃଷୀକେଶଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅଭିଯୋଗକୁ ଭିତ୍ତିକରି ଅଧିକ ତଦନ୍ତ ଜାରି ରହିଛି ବୋଲି ଲକ୍ ଥାନା ଅଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି।

### ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ୯୯ ପ୍ରାର୍ଥୀ

**ଆଳି,୨୫।୧(ଡି.ଏନ.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ଥିଲା। ୯୯ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଆଳି ବିଡିଓ ଦ୍ୱିବେନ୍ଦୁ ଦାସ ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୪୭ ୱାର୍ଡସଭ୍ୟ, ୩୭ ସରପଞ୍ଚ ଓ ୧୫ ଜଣ ସମିତିସଭ୍ୟ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଯେଉଁ ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିବେ ସେମାନଙ୍କୁ ଚିହ୍ନ ମଧ ପ୍ରଦାନ କରାଯାଇଛି।

### ଜିଲାରେ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ତାଲିକାଭୁକ୍ତ

**ଜାତୀୟ ମତଦାତା ଦିବସ**

**କେନ୍ଦ୍ରାପଡ଼ା ଅଫିସ,୨୫।୧:** ଭାରତର ଗଣତାନ୍ତ୍ରିକ ଶାସନରେ ଭୋଟରଙ୍କ ମୁଖ୍ୟ ଭୂମିକା ରହିଛି। ସେମାନଙ୍କ ପ୍ରତ୍ୟେକ ଭୋଟ ଶାସନ ବ୍ୟବସ୍ଥାର ନିୟାମକଙ୍କୁ ନିର୍ବାଚିତ କରିବାରେ କ୍ଷମତା ଅଛି। ଦେଶରେ ସୁଶାସନ ପାଇଁ ପ୍ରତ୍ୟେକ ସାବାଳକ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକୃତ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ଆବଶ୍ୟକ। ଭୋଟ ବର୍ଜନ ଏକ ସାମ୍ବିଧାନିକ ବ୍ୟବସ୍ଥା ନୁହେଁ। ଏପରି ମନୋଭାବକୁ ପରିହାର କରି ନିଜ ମନୋନୀତ ପ୍ରାର୍ଥୀଙ୍କୁ ଶାସନ କ୍ଷମତା ଦେବା ଆବଶ୍ୟକ ବୋଲି ଜାତୀୟ ମତଦାତା ଦିବସରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଙ୍ଗଳବାର ମତପ୍ରକାଶ ପାଇଛି। ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅମୃତ ଋତୁରାଜ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଜିଲାପାଳ ଋତୁରାଜ କହିଥିଲେ, ଜିଲାରେ ଅଦ୍ୟାବଧି ଭୋଟରଙ୍କ ସଂଖ୍ୟା ୧୧,୪୭,୩୩୦। ଚଳିତବର୍ଷ ଦୁଇଟି ପର୍ଯ୍ୟାୟରେ ସଂଶୋଧନ ତାଲିକା ପ୍ରକାଶ ପାଇଛି। ନୂତନ ତାଲିକାର ଭୋଟରଙ୍କ ମଧ୍ୟରେ ପ୍ରାୟ ୯୮ ପ୍ରତିଶତ ଯୁବବର୍ଗ ଅଛନ୍ତି। ଜିଲାର ଯୁବବର୍ଗ ସଚେତନ ଥିବା ସେ ପ୍ରକାଶ କରିଛନ୍ତି। ଏହି ଆଲୋଚନା ଚକ୍ରରେ ଡେପୁଟି କଲେକ୍ଟର ନମିତା ବାରିକ, ଡେପୁଟି କଲେକ୍ଟର ଅଶୋକ କୁମାର ମହାନ୍ତି, ଏଡିପିଆରଓ ଅଶୋକ କୁମାର ବଳିଆରସିଂହଙ୍କ ସମେତ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ।

# ନିର୍ବାଚନ ପରିଚାଳନାରେ ହିଂସାତ୍ମକ କାର୍ଯ୍ୟ ବାଧକ

**କେନ୍ଦ୍ରାପଡ଼ା ଅଫିସ, ୨୫।୧**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ବାଲକାଟି ପଞ୍ଚାୟତର ସରପଞ୍ଚ ଦିବାକର ନାୟକଙ୍କ ଘରକୁ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିଲେ। ଏ ସଂକ୍ରାନ୍ତରେ ସରପଞ୍ଚ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଏହା ରାଜନୈତିକ ଶତ୍ରୁତାରୁ ହୋଇଛି ବୋଲି ଆଲୋଚନା ଜୋର ଧରିଛି। ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ସ୍ଥାନୀୟ ଅଞ୍ଚଳର ଜଣେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଏହି ବ୍ୟକ୍ତିଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ମୋବାଇଲ ଫୋନରେ ଧମକ ଦିଆଯାଇଛି। ଏ ନେଇ ଥାନାରେ ମାମଲା ହୋଇଛି। ଆଳି ଓ ମହାକାଳପଡ଼ା ଥାନା ଅଞ୍ଚଳରେ ଏହି ଦୁଇଟି ଘଟଣା ରାଜନୈତିକ ଆକ୍ରୋଶ ହୋଇଥିବା ବେଳେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅଧିକ ହେବ ବୋଲି ବୁଦ୍ଧିଜୀବୀ ଓ ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ଏପରି ସ୍ଥିତି ରହିଲେ ନିର୍ବାଚନ ପରିଚାଳନାରେ ହିଂସାତ୍ମକ କାର୍ଯ୍ୟ ବାଧକ ହେବ ବୋଲି ସେମାନେ କହିଛନ୍ତି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଉତ୍ତେଜନା ପ୍ରବଣ ଓ ଅତି ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ କରି ଜିଲା ପୋଲିସକୁ ମୁତୟନ ପାଇଁ ସେମାନେ ନିବେଦନ କରିଛନ୍ତି।

ରାଜନୈତିକ ବିଶ୍ଳେଷକ ତଥା ଶିକ୍ଷାବିତ୍ ଗିରିଶ କୁମାର କୁଅଁର, ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀକାନ୍ତ ନାୟକ କହିଛନ୍ତି, ଶାସନ ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ପହଞ୍ଚାଇ ସରକାରୀ ଯୋଜନାକୁ ସଫଳ କାର୍ଯ୍ୟକାରୀ ପାଇଁ ତ୍ରିସ୍ତରୀୟ ପଞ୍ଚାୟତ

**ଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ ପାଇଁ ନିବେଦନ**

ନିର୍ବାଚନ ବ୍ୟବସ୍ଥା ହୋଇଛି। ୱାର୍ଡ ସଭ୍ୟ, ସମିତିସଭ୍ୟ ଓ ସରପଞ୍ଚ ପଦବୀ ପାଇଁ ରାଜନୈତିକ ଦଳ ପ୍ରତ୍ୟକ୍ଷ ଭାବେ ଜଡିତ ନ ଥିଲେ ମଧ୍ୟ ପରୋକ୍ଷରେ ସାମିଲ ହେଉଛନ୍ତି। ୱାର୍ଡ ଅଥବା ପଞ୍ଚାୟତ ସମିତି ଅଞ୍ଚଳ ହେଉଥିବାରୁ ଭୋଟ ରାଜନୀତି ହିଂସାତ୍ମକ ଦିଗକୁ ଗତି କରୁଛି। ସାମାନ୍ୟ ମତାନ୍ତର ପରବର୍ତ୍ତୀ ସମୟରେ ହିଂସାକାଣ୍ଡର ରୂପ ନେଉଛି। ୧୯୯୨ ମସିହାରେ ସ୍ୱତନ୍ତ୍ର କେନ୍ଦ୍ରାପଡ଼ା ଜିଲା ହେବା ପରେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଆଳି ଥାନା ଅଞ୍ଚଳର ଓଳାଭରଠାରେ ଧର୍ମକୁ ନେଇ ହିଂସା ଆରମ୍ଭ ହୋଇଥିଲା। ଏଥିପାଇଁ ଏହି ଜିଲାକୁ ଅପରାଧ ପ୍ରବଣ ଜିଲା ଭାବେ ରାଜ୍ୟର ବହୁ ଅଞ୍ଚଳର ଲୋକେ ମନେ ରଖିଛନ୍ତି। ତେବେ ଇତିମଧ୍ୟରେ ଏହାର ପରିବର୍ତ୍ତନ ହୋଇଛି। ଭାଇଚାରା ବଜାୟ ରହିଛି। ତେବେ ଭୋଟ ରାଜନୀତିରେ ହିଂସା ଆଚରଣ ନିର୍ବାଚନ ପରିଚାଳନାରେ ବାଧକ ସୃଷ୍ଟି ହେବ। ଜିଲା ପ୍ରଶାସନ ପକ୍ଷରୁ ଯଥେଷ୍ଟ ସମୟ ପୂର୍ବରୁ ବୁଥ ସର୍ଭେ କରି ଉତ୍ତେଜନା ଓ ଅତି ଉତ୍ତେଜନା ପ୍ରବଣ ଅଞ୍ଚଳରେ ପୋଲିସ ପ୍ରଶାସନ ନିୟୋଜିତ କରିବା ଦରକାର। ସେହିପରି ରାଜନେତାମାନେ ଏପରି ଘଟଣାରେ ଶାନ୍ତି ବଜାୟ ରଖିବା ଦରକାର। ବିଶେଷକରି ଚଳିତ ନିର୍ବାଚନରେ କୋଭିଡ୍ କଟକଣା ପାଇଁ ସାମାଜିକ ଗଣମାଧ୍ୟମକୁ ଗୁରୁତ୍ୱ ଦେବାକୁ ରାଜ୍ୟ ନିର୍ବାଚନ କମିଶନ ମତ ଦେଇଥିବା ବେଳେ ଗୁଜବ ରୋକିବାକୁ ସାଇବର ଥାନାଟିଏ ନାହିଁ। ସାମାଜିକ ଗଣମାଧ୍ୟମରେ ପ୍ରଚାର ସମୟରେ ଆକ୍ଷେପମୂଳକ ଭାଷା ପ୍ରୟୋଗକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ। ସେହିପରି ଭୋଟ ବାକ୍ସକୁ ସୁରକ୍ଷିତ ଭାବେ ସ୍ଥାନାନ୍ତରକୁ ଗୁରୁତ୍ୱ ଦିଆଯାଉ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜଙ୍କୁ ପଚାରିବାରେ ହିଂସାତ୍ମକ କାର୍ଯ୍ୟର ସୂଚନା ମିଳିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଚଳିତ ନିର୍ବାଚନକୁ ସୁପରିଚାଳନା ପାଇଁ ବୁଥ ଚିହ୍ନଟ, ସିସିଟିଭିର ପ୍ରୟୋଗ ସହିତ ଭିଡିଓ ଗ୍ରାଫିର ବ୍ୟବସ୍ଥା ହୋଇଛି। ଏଥିସହ ଜିଲା ପୋଲିସକୁ ସତର୍କ କରାଯାଇଛି ବୋଲି ସେ କହିଛନ୍ତି।

## କିଆବଣରୁ ମୁମୂର୍ଷୁ ଅବସ୍ଥାରେ ଯୁବକ ଉଦ୍ଧାର

**କୁଜଙ୍ଗ,୨୫।୧(ଡି.ଏନ୍.ଏ.)**

କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ପଞ୍ଚାୟତ ଅଧୀନ ଦୁଆଡିଆ ବାଲିସାହି ନିକଟସ୍ଥ କିଆବଣରୁ ମୁମୂର୍ଷୁ ଅବସ୍ଥାରେ ଜଣେ ଯୁବକଙ୍କୁ ମଙ୍ଗଳବାର ଗ୍ରାମବାସୀ ଉଦ୍ଧାର କରିଛନ୍ତି। ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ସନ୍ଧ୍ୟା ସମୟରେ ବାଲିସାହି ଅଞ୍ଚଳର ଜଣେ ମହିଳା କିଆବଣ ବାଟ ଦେଇ ଆସୁଥିବା ବେଳେ ମଣିଷର ଚିତ୍କାର ଶୁଣି ବାଲିସାହି ପୋଲ ନିକଟରେ ଥିବା ଲୋକମାନଙ୍କୁ କହିଥିଲେ। ଏହାପରେ ସ୍ଥାନୀୟ ଲୋକେ ବଣ ଭିତରକୁ ଯାଇ ସମ୍ପୃକ୍ତ ଯୁବକଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରିଥିଲେ। ଉକ୍ତ ଯୁବକଙ୍କ ପାଟିରୁ ଫେଣ ବାହାରୁଥିବା ବେଳେ ସେ କଥା କହିପାରୁ ନ ଥିଲେ। ଖବରପାଇ ଅଗ୍ନିଶମ ଓ କୁଜଙ୍ଗ ଥାନା ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ଯୁବକଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଯୁବକଙ୍କ ସମ୍ପର୍କୀୟ କିଏ ଜଣାପଡ଼ି ନ ଥିବାରୁ କଟକ ନେବା ପାଇଁ ଡାକ୍ତର ଓ ପୋଲିସ ମଧ୍ୟରେ ବିଚାରବିମର୍ଶ ଚାଲିଛି ବୋଲି ଡାକ୍ତର ସତ୍ୟ ପ୍ରଧାନ କହିଛନ୍ତି।

# ରାଜରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ



ଧାନବସ୍ତା ରଖି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

**ରାହାମା,୨୫।୧(ଡି.ଏନ୍.ଏ.)**

ରାହାମାସ୍ଥିତ ଥାଇଲୋ ସେବା ସମବାୟ ସମିତିରେ ମିଲର ମଙ୍ଗଳବାର ଧାନ ନ କିଣିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରତିବାଦରେ ଅପରାହ୍ନରେ ସେମାନେ ଧାନବସ୍ତା ରଖି ରାହାମାସ୍ଥିତ କଟକ-ପାରାଦୀପ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାନବାହନ ଅଟକି ରହିବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଗତ ବର୍ଷା ଓ ପବନରେ ଧାନ ଫସଲ ପ୍ରଭାବିତ

**ମିଲର ଧାନ ନ କିଣିବାରୁ ଚାଷୀ ଅସନ୍ତୁଷ୍ଟ**

ହୋଇଥିଲା। ବିଲରୁ ଓଦା ଧାନ ସଂଗ୍ରହ କରି ସେମାନେ ମଣ୍ଡିରେ ଦେବାକୁ ଆଣିଥିଲେ। ମାତ୍ର ସମ୍ପୃକ୍ତ ମିଲର ଧାନ ନିମ୍ନମାନର କହି ଗ୍ରହଣ କରି ନ ଥିଲେ। ଏନେଇ ଆନ୍ଦୋଳନ କରାଯାଇଛି ବୋଲି ଚାଷୀମାନେ କହିଛନ୍ତି। ଏଥିରେ କୁଳମଣି ସାହୁ, ବାସୁଦେବ ବରାଳ, ଶିଶିର କୁମାର ଦାସ, ସୁନାକର ବେହେରା ଓ ନିରଞ୍ଜନ ପାତ୍ର ପ୍ରମୁଖ ଚାଷୀ ସାମିଲ ହୋଇଥିଲେ। ଖବରପାଇ ତିର୍ତ୍ତୋଲ ଥାନା ଅଧିକାରୀ ସବ୍ୟସାଚୀ ରାଉତ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସନ୍ଧ୍ୟାରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଏସିଏସ୍‌ଓ ପ୍ରଫୁଲ୍ଲ ବେହେରା, ରାହାମା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଶାଶ୍ୱତ ରଞ୍ଜନ ଦାସ, ଥାଇଲୋ ସେବା ସମବାୟ ସମିତି ସମ୍ପାଦକ ସଚ୍ଚିଦାନନ୍ଦ ବୈଶାଖ ଓ ଶାରଳା ରାଇସ ମିଲ୍ ମାଲିକ ଦିଲୀପ ପାତ୍ର ପ୍ରମୁଖ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସମାଜ ସେବା କରିବି:ବାବା ବଳିଆ



**ତିର୍ତ୍ତୋଲ,୨୫।୧(ଡି.ଏନ୍.ଏ.):** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ପରିବାର ତୀର୍ଥ ଅରିଲୋ ଶିଶୁ ଅନନ୍ତ ଆଶ୍ରମର ପୂଜ୍ୟ ପୂଜକ ବାବା ବଳିଆଙ୍କୁ ସମାଜସେବା କ୍ଷେତ୍ରରେ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ଉପାଧି ପାଇଁ ନାମ ଘୋଷଣା କରାଯାଇଛି। ଏଥିରେ ବାବା ବଳିଆ ଖୁସିବ୍ୟକ୍ତ କରିବା ସହ କହିଛନ୍ତି ଯେ, ଦେଶ ଓ ରାଜ୍ୟର ଜନସାଧାରଣଙ୍କୁ ଏଥିଲାଗି ଶୁଭେଚ୍ଛା। ସାମାଜିକ ସ୍ତରରେ କାମକୁ ଆମେ ବିଶ୍ୱାସ କରୁ। କେବଳ କଥା କହି ଏହି ସମ୍ମାନ ମିଳିନାହିଁ। ସମାଜରୁ କୁସଂସ୍କାର, ଅନ୍ଧବିଶ୍ୱାସ ଦୂର କରିବା, ବିଧବା ମା'ଙ୍କୁ ସମ୍ମାନ, ବୃଦ୍ଧ ଅବସ୍ଥାରେ ମା'ବାପାଙ୍କ ସେବା, ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ଗଣତନ୍ତ୍ରର ସୁରକ୍ଷା ଲାଗି କାର୍ଯ୍ୟ କରିବା ଦରକାର। କେବଳ ଭଗବାନଙ୍କୁ ବିଶ୍ୱାସ ନ କରି ପରିବେଶ ଓ ସମାଜ ପାଇଁ କିଛି କରିବା ଦରକାର। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଏହି କାର୍ଯ୍ୟ ଜାରି ରଖିବେ। ଆଗାମୀ ପିଢ଼ି ଏଭଳି କାମରେ କିଭଳି ମନୋନିବେଶ କରିବେ ସେଥିପାଇଁ ଚେଷ୍ଟା ଜାରି ରଖିବେ ବୋଲି ବାବା ବଳିଆ କହିଛନ୍ତି।

ସୂଚନାଯୋଗ୍ୟ, ବାବା ବାଳିଆ ୧୯୫୪ ଏପ୍ରିଲ ୮ରେ ତିର୍ତ୍ତୋଲ ବ୍ଲକ ଅରିଲୋ ଗାଁରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନେ ତାଙ୍କ ନାମ ଥିଲା ବିଚିତ୍ରାନନ୍ଦ ମହାନ୍ତି। ମା' ବସନ୍ତ ଦେବୀ ଓ ପିତା ସଚ୍ଚିଦାନନ୍ଦଙ୍କର ସେ କୋଳ ମଣ୍ଡନ କରିଥିଲେ। ଆଧାତ୍ମିକ ଚେତନା, ଦୁଃଖୀ ରଙ୍କିଙ୍କ ସେବା ତାଙ୍କୁ ଭିନ୍ନ ମଣିଷ ଭାବେ ଗଢ଼ି ତୋଳିଥିଲା। ମାତ୍ର ୧୭ ବର୍ଷ ବୟସରେ ସେ ଗୃହ ତ୍ୟାଗକରି ସନ୍ନ୍ୟାସ ଜୀବନକୁ ଆଦରି ନେଇଥିଲେ। ସେ ସବୁବେଳେ ବିଶ୍ୱଶାନ୍ତିର ବାର୍ତ୍ତା ଦେଇଆସୁଥିଲେ। ନିଜେ ଶାନ୍ତିରେ ବଞ୍ଚ ଓ ଅନ୍ୟକୁ ଶାନ୍ତିରେ ବଞ୍ଚିବାକୁ ସନ୍ଦେଶ ଦେଉଥିଲେ। ପରିବାରକୁ ବୈକୁଣ୍ଠ ଓ ପରିବେଶକୁ କୈଳାସ କରି ଗଢ଼ି ତୋଳିବାକୁ ଆହ୍ୱାନ ଦେଉଥିଲେ। ଗୁରୁପ୍ରଦତ୍ତ ନାମ ବଳରାମ ଦାସରୁ ଶ୍ରୀଜଗନ୍ନାଥଙ୍କ ବଳିଆ ସମ୍ବୋଧନ ଯୋଗୁ ସେ ସବୁଠି ବଳିଆ ଭାବେ ପରିଚିତ। ନାମାଚାର୍ଯ୍ୟ ବାବା ବାୟାଙ୍କୁ ନିଜର ମାନସ ଗୁରୁ ଭାବେ ଗ୍ରହଣ କରି ପରେ ଠାକୁର ନିଗମାନନ୍ଦ ସମ୍ପ୍ରଦାୟରୁ ଦୀକ୍ଷା ନେଇ ଏବଂ ଗଣେଶ ଦାସ ମହାରାଜଙ୍କଠାରୁ ଭେକ ଗ୍ରହଣ କରି ସନ୍ନ୍ୟାସ ମନ୍ତ୍ରରେ ଗୌଡ଼ୀୟ ବୈଷ୍ଣବ ଭାବେ ଜୀବନଯାପନ କରୁଥିଲେ।

## ତଥ୍ୟ ଗୋପନ ରଖି ସତ୍ୟପାଠ ଦାଖଲ

**ଡେରାବିଶ,୨୫।୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ୯ନଂ. ୱାର୍ଡରେ ୱାର୍ଡସଭ୍ୟ ପାଇଁ ଦାଖଲ କରିଥିବା ନାମାଙ୍କନ ପତ୍ରରେ ଥିବା ସତ୍ୟପାଠରେ ତଥ୍ୟ ଗୋପନ ରଖିଥିବା ନେଇ ଅଭିଯୋଗ ପରେ ବି ଏହା ନାକଚ କରାଯାଇ ନ ଥିବା ଅଭିଯୋଗ ହୋଇଛି। ୯ନଂ. ୱାର୍ଡସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ମୃତ୍ୟୁଞ୍ଜୟ ପରିଡ଼ା ସତ୍ୟପାଠରେ ତାଙ୍କ ନାମରେ କୌଣସି ଫୌଜଦାରି ମାମଲା ନ ଥିବା ଦର୍ଶାଇଛନ୍ତି। ହେଲେ ତାଙ୍କ ନାମରେ ଡେରାବିଶ ଥାନା ପକ୍ଷରୁ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଜିଆର କେସ୍ ରହିଅଛି। ୨୦୧୬ ମେ'

**ନାମାଙ୍କନ ପତ୍ର ନାକଚ ପାଇଁ ଆବେଦନ**

୨୨ରେ ଏହି କେସ୍ ଫାଇଲ୍ ହୋଇଥିବା ବେଳେ ୨୦୧୭ ମାର୍ଚ୍ଚ ୭ରେ ପ୍ରଥମ ଶୁଣାଣି ହୋଇଥିଲା ଏବଂ ପରବର୍ତ୍ତୀ ଶୁଣାଣି ୨୦୨୩ ଅଗଷ୍ଟ ୨୩କୁ ରହିଛି। କିନ୍ତୁ ମୃତ୍ୟୁଞ୍ଜୟ ସତ୍ୟପାଠରେ ଏହା ଦର୍ଶାଇ ନ ଥିବା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦେବସ୍ମିତା ପରିଡ଼ା ନାମାଙ୍କନ ପତ୍ର ଯାଞ୍ଚ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ଦେବା ସହ କେସ୍ ସମ୍ପର୍କିତ ଦସ୍ତାବିଜ୍ ମଧ୍ୟ ଦାଖଲ କରିଥିଲେ। ଏଥିସହ ମଙ୍ଗଳବାର ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ସମସ୍ତ କାଗଜପତ୍ର ଦେଇଥିଲେ। ହେଲେ ତାଙ୍କ ନାମାଙ୍କନ ପତ୍ର ନାକଚ ହୋଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦେବସ୍ମିତା ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରୁ ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ୨୨ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ହୋଇଥିଲା। ସେହି ସମୟ ମଧ୍ୟରେ ଏଭଳି କୌଣସିଅଭିଯୋଗ ଆମ ପାଖରେ ପହଞ୍ଚି ନ ଥିଲା ବୋଲି ସେ କହିଛନ୍ତି।

# ୨୨୯ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାହାର

**ଜଗତ୍‌ସିଂହପୁର ଅଫିସ, ୨୫।୧**

ଜରପଞ୍ଚ, ସମିତି ସଭ୍ୟ ପଦବୀରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ମଙ୍ଗଳବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଉଭୟ ପଦବୀରେ ମୋଟ ୨୨୯ ଜଣ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ଜିଲାରେ ସରପଞ୍ଚ ପଦବୀ ପାଇଁ ୯୩୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪୩ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୭୯୧ ଜଣ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ସେହିପରି ସମିତି ସଭ୍ୟ ପଦବୀରେ ୭୪୪ ଜଣ ପ୍ରାର୍ଥୀ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୮୬ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ଏବେ ୬୫୮ ଜଣ ନିର୍ବାଚନରେ ଲଢ଼ିବେ। ବ୍ଲକୱାରୀ ପରିସଂଖ୍ୟାନ ଅନୁଯାୟୀ ସରପଞ୍ଚ ପଦବୀ ପାଇଁ ଏରସମାରୁ ୯୫, ବାଲିକୁଦା ୧୧୪, ନାଉଗାଁ ୬୩, ଜଗତ୍‌ସିଂହପୁର ୧୧୫, ରଘୁନାଥପୁର ୯୮, ବିରିଡ଼ି ୭୬, ତିର୍ତ୍ତୋଲ ୧୧୬ ଓ କୁଜଙ୍ଗ ବ୍ଲକ ଅଞ୍ଚଳରୁ ୧୧୪ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ହୋଇଛନ୍ତି। ସେହିପରି ସମିତି ସଭ୍ୟ ପଦବୀ ପାଇଁ ଏରସମାରୁ ୭୯, ବାଲିକୁଦା ୯୮, ନାଉଗାଁ ୫୦, ଜଗତ୍‌ସିଂହପୁର ୯୮, ରଘୁନାଥପୁର ୭୧, ବିରିଡ଼ି ୬୮, ତିର୍ତ୍ତୋଲ ୯୫ ଓ କୁଜଙ୍ଗ ବ୍ଲକ ଅଞ୍ଚଳରୁ ୯୯ ଜଣ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଛନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ ୱାର୍ଡସଭ୍ୟ ପଦବୀରେ ନାଉଗାଁ ବ୍ଲକ ଅଞ୍ଚଳର ୫୧୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୨୧ ଜଣ ଓହରି ଯାଇଥିବା ଜଣାପଡିଛି। ସେହିପରି କୁଜଙ୍ଗ ବ୍ଲକ ଅଞ୍ଚଳର ୪୬୫ ୱାର୍ଡ ସଭ୍ୟ ପଦବୀ ପାଇଁ ୯୧୨ ଜଣ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟ ବ୍ଲକଗୁଡିକର ଚୂଡ଼ାନ୍ତ ତାଲିକା ହସ୍ତଗତ ହୋଇନାହିଁ।

## ୬୫ ପାନବରଜ ଉଚ୍ଛେଦ

**କୁଜଙ୍ଗ,୨୫।୧(ଡି.ଏନ୍.ଏ.)**



ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲୁ ପ୍ରକଳ୍ପ ନିମନ୍ତେ ପାନବରଜ ଭଙ୍ଗା, ଜମି ଅଧିଗ୍ରହଣ ଓ ଫଳନ୍ତି ଗଛ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ମଙ୍ଗଳବାର ସହମତି ଭିତ୍ତିରେ ୬୫ ପାନବରଜ ଉଚ୍ଛେଦ କରାଯାଇଛି। ଡିସେମ୍ବର ୨୨ ତାରିଖରୁ ପାନବରଜ ଭାଙ୍ଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୪୮.୪୫ ଏକର ଜମି ଅଧିଗ୍ରହଣ କରାଯିବା ସହ ୮ହଜାରରୁ ଊର୍ଦ୍ଧ୍ୱ ଗଛ ଚିହ୍ନଟ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଭୋଟର ସଚେତନ ହେଲେ ଦେଶ ସମୃଦ୍ଧ ହେବ

**ଜଗତ୍‌ସିଂହପୁର ଅଫିସ, ୨୫।୧**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଦ୍ୱାଦଶ ଜାତୀୟ ମତଦାତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରି ପୌରୋହିତ୍ୟ କରି କହିଥିଲେ, ୨୫।୧।୧୯୫୦ରେ ନିର୍ବାଚନ ଆୟୋଗ ପ୍ରତିଷ୍ଠା ହୋଇଥିଲା। ଏହି ଦିବସକୁ ମନେରଖିବା ଓ ମତଦାତା ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେବେଠାରୁ ଏହି ଦିବସ ପାଳନ କରାଯାଉଛି। ଯୁବଶକ୍ତିର ସଶକ୍ତୀକରଣ ସହ ଗଣତାନ୍ତ୍ରିକ ପଦ୍ଧତିରେ ସେମାନଙ୍କ ଉଲ୍ଲେଖନୀୟ ଯୋଗଦାନ ଦ୍ୱାରା ଦେଶର ବିକାଶ ସମ୍ଭବ। ଏହି ଦିବସ ପାଳନ ଅବସରରେ ଜିଲାରେ ଉତ୍ତମ

**ଦ୍ୱାଦଶ ଜାତୀୟ ମତଦାତା ଦିବସ**

କାର୍ଯ୍ୟ କରିଥିବା ୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୫ ଜଣ ନୂତନ ମତଦାତାଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଣତନ୍ତ୍ର ଉପରେ ନିଜର ପୂର୍ଣ୍ଣ ଆସ୍ଥା ସମ୍ପର୍କିତ ଶପଥ ପାଠ କରାଯାଇ ଭୋଟର ସଚେତନ ହେଲେ ଦେଶ ସମୃଦ୍ଧ ହେବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଓ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ବିନୀତା ଦାଶ ପ୍ରାରମ୍ଭିକ ସୂଚନା ଓ ଶେଷରେ ଧନ୍ୟବାଦ ଦେଇଥିଲେ।



ଜିଲାପାଳ ଜଣଙ୍କୁ ପ୍ରଶଂସାପତ୍ର ପ୍ରଦାନ କରୁଛନ୍ତି।

# ବିଜେଡି ଗଡ଼ ଭାଙ୍ଗିବାକୁ ବିରୋଧୀଙ୍କ ଉଦ୍ୟମ

**ଜଗତ୍‌ସିଂହପୁର ଅଫିସ, ୨୫।୧**

**ଜଗତ୍‌ସିଂହପୁର ଜିଲା ପରିଷଦ ଜୋନ୍ ନଂ.୧**

- ତର୍ତ୍ତଙ୍ଗ ପଞ୍ଚାୟତକୁ ନେଇ ଚର୍ଚ୍ଚା ଜୋର
- ଗତ ନିର୍ବାଚନରେ ୯ରୁ ୮ ପଞ୍ଚାୟତରେ ବିଜେଡି ଆଗୁଆ ଥିଲା

ଜଗତ୍‌ସିଂହପୁର ଜିଲାରେ ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହାପରେ ରାଜନୈତିକ ପରିବେଶ ଚଳଚଞ୍ଚଳ ହୋଇଉଠିଛି। ଦଳୀୟ ଅସନ୍ତୁଷ୍ଟଙ୍କୁ ମନେଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଯେଉଁ କସରତ ଚାଲିଥିଲା ତା'ର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏବେ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ଓ ସମର୍ଥନରେ ହୋଇଥିବା ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ମେମ୍ବରମାନଙ୍କୁ ଜିତାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି। ୨୦୧୭ ନିର୍ବାଚନ ଫଳାଫଳକୁ ଅନୁଶୀଳନ କଲେ ଜଗତ୍‌ସିଂହପୁର ଜିଲା ପରିଷଦ ଜୋନ୍ ନଂ. ୧ ଅନ୍ତର୍ଗତ ୯ଟିରୁ ୮ଟି ପଞ୍ଚାୟତରେ ବିଜେଡି ସପକ୍ଷରେ ଜନମତ ଯିବାରୁ ବାଜିମାତ କରିଥିଲା। କିନ୍ତୁ ଏହା ଭିତରେ ଚିତ୍ର ବଦଳିବାରେ ଲାଗିଛି। ବିଜେଡିକୁ ଚେକ୍ ଦେବାକୁ ଉଭୟ କଂଗ୍ରେସ ଓ ଭାଜପା ନେତୃତ୍ୱ ପୂରା ଦମ୍ ଲଗାଇ ଦେଇଛନ୍ତି। ଫଳରେ ପଞ୍ଚାୟତରେ ଲଢ଼େଇ ତୀବ୍ର ହେବ। ଫଳ କାହା ସପକ୍ଷରେ ଯିବ ତାହା କହିବା କଷ୍ଟକର ।

ଜିଲା ପରିଷଦ ଜୋନ୍ ନଂ. ୧ କହିଲେ, କଣ୍ଟିଲୋ, ପାଟେଣୀଗାଁ, ମଧୁସୂଦନପୁର ଶାସନ, ମଣ୍ଡାସାହି, ରମ୍ଭାଦେଈପୁର, ସଭାମୂଳ, ଜାହାନପୁର, ପଟସରା ଏବଂ ତରତଙ୍ଗ ପଞ୍ଚାୟତକୁ ନେଇ ଗଠିତ। ୨ଟି ନିର୍ବାଚନ ଫଳାଫଳକୁ ଦେଖିଲେ ଏହି ଜୋନ୍‌ରୁ ବିଜେଡି ପ୍ରାର୍ଥୀ ଜିତି ଆସୁଛନ୍ତି। ୨୦୧୪ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ବିଜୟୀ ହୋଇଥିଲେ ସୁଦ୍ଧା ୨୦୧୯ରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କଠାରୁ ହାରିଯାଇଥିଲେ। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱ ଯୋଗୁ ଦଳର ଶକ୍ତିବୃଦ୍ଧି ହୋଇଛି। ତେଣୁ ଏଥର ନିର୍ବାଚନ ବିଶ୍ୱାଳ, ମହାପାତ୍ର ଓ ମୁଦୁଲିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଅତୀତରେ ପଟସରା ପଞ୍ଚାୟତରେ ନିରପେକ୍ଷ ନିର୍ବାଚନକୁ ନେଇ ବାଧା ଉପୁଜିଥିଲେ ସୁଦ୍ଧା ଏବେ ପରିସ୍ଥିତି ବଦଳି ଯାଇଛି। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଛନ୍ତି ଚିତ୍ତରଞ୍ଜନ ରାଉଳ। ସେ ମଣ୍ଡାସାହି ପଞ୍ଚାୟତରୁ ୨ ଥର ସରପଞ୍ଚ ହୋଇଥିଲେ। ଦକ୍ଷତା ଓ ଅଧିକ ବିଜୟ ସମ୍ଭାବନାକୁ ଦୃଷ୍ଟିରେ ରଖି ବିଜେଡି ତାଙ୍କ ଉପରେ ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଥିବା ଦଳର ଜଗତ୍‌ସିଂହପୁର ବ୍ଲକ ସଭାପତି ମନୋଜ ଭୋଇ କହିଛନ୍ତି। କିନ୍ତୁ ଏଥର ବିଜେଡି ଗଡ ଭାଙ୍ଗିବ ବୋଲି କଂଗ୍ରେସ ପକ୍ଷରୁ ଦମ୍ଭୋକ୍ତି ପ୍ରକାଶ ପାଇଛି। ବିଜେଡି ପକ୍ଷରୁ ଥର ଥର କରି ୨ ଜଣଙ୍କ ପରେ ଶେଷରେ ଚିତ୍ତଙ୍କୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଜିଲା ସଭାପତି ନଟବର ବାରିକ କହିଛନ୍ତି, ଚଳିତ ନିର୍ବାଚନରେ ସମସ୍ତ ଦିଗକୁ ଦେଖି କଂଗ୍ରେସ ବିଭୂତି ଭୂଷଣ ସାହୁଙ୍କୁ ଦଳୀୟ ପ୍ରାର୍ଥୀ କରିଛି। ପଟସରା ଓ ମଧୁସୂଦନପୁରରେ ତ୍ରିମୁଖୀ ଲଢ଼େଇ ହେବ। ଏହାବାଦ୍ ଆଉ ସମସ୍ତ ପଞ୍ଚାୟତରେ କଂଗ୍ରେସ ଜବରଦସ୍ତ ଲଢେଇ କରିବ। ଗତ ନିର୍ବାଚନରେ ମଣ୍ଡାସାହି ପଞ୍ଚାୟତର ବିଜେଡି ସମର୍ଥିତ ନାଏବ ସରପଞ୍ଚ ଏଥର କଂଗ୍ରେସ ସରପଞ୍ଚ ପ୍ରାର୍ଥୀ। ବିଜେଡି ପରି କଂଗ୍ରେସରେ ଅସନ୍ତୁଷ୍ଟ ପ୍ରାର୍ଥୀ ନାହାନ୍ତି। ସଭାମୂଳ, ମଣ୍ଡାସାହି, ରମ୍ଭାଦେଈପୁର ଓ ପାଟେଣୀଗାଁ ଆଦିରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହୋଇଛି। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି, ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଦଳ ପ୍ରଭାତ କୁମାର ଜେନାଙ୍କୁ ପ୍ରାର୍ଥୀ କରିଛି। ତର୍ତ୍ତଙ୍ଗରେ ଭାଜପା ସପକ୍ଷରେ ନିଆରା ପରିବେଶ ସୃଷ୍ଟି ହୋଇଛି। କେବଳ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ନୁହେଁ, ସରପଞ୍ଚ ଓ ସମିତି ସଭ୍ୟ ପଦବୀ ମଧ୍ୟ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ସୁହାଇବ। ମୋଟାମୋଟି କହିବାକୁ ଗଲେ ଏଥର ଭାଜପା ଏହି ଜୋନ୍‌ରେ ଭଲ ସ୍ଥିତିରେ ରହିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ହତ୍ୟା ମାମଲାରେ ମହିଳା ଗିରଫ

ଜୟପୁର,୨୫ା୧ (ନି.ପ୍ର.)- ଜୟପୁର ନୂଆସାହି ଚତୁର୍ଥଲାଇନର ଅମିର ନାଗ ହତ୍ୟା ମାମଲାରେ ଟାଉନଥାନା ପୋଲିସ ତାଙ୍କ ସ୍ତ୍ରୀ ଦେବକୀ ନାଗଙ୍କୁ ମଙ୍ଗଳବାର ଗିରଫ କରିଛି । ଗତ ଡିସେମ୍ବର ୨୬ରେ ଅମିର ଘରେ ଥିବା ବେଳେ ତାଙ୍କର ପୁଅ ସହ ବଚସା ହୋଇଥିଲା। ପୁଅ ଉତ୍ୟକ୍ତ ହୋଇ ଛୁରିରେ ବାପା ଅମିରଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ଜାଣିବା ପରେ ପୁଅ ନାବାଳକ ହୋଇଥିବାରୁ ତାଙ୍କୁ ଧରିନେଇ ଜୁଭେଲାଇନ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଥିଲା। ତେବେ ଏହି ଆକ୍ରମଣ ଘଟଣାରେ ପୁଅକୁ ଦେବକୀ ପରୋକ୍ଷରେ ପ୍ରୋତ୍ସାହନ ଦେଇଥିବା ପୋଲିସ ତଦନ୍ତରୁ ଜାଣିବା ପରେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି ।

### ସରିଲା ପ୍ରାର୍ଥୀ ପତ୍ର ପ୍ରତ୍ୟାହାର

**ଦଶପଲ୍ଲା,(ଡି.ଏନ.ଏ.):** ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହର ଶେଷ ହୋଇଛି । ଦଶପଲ୍ଲା ବ୍ଲକ ଅନ୍ତର୍ଗତ ୨୦ ପଞ୍ଚାୟତରେ ୱାର୍ଡ ସଭ୍ୟ ପାଇଁ ନାମାଙ୍କନପତ୍ର ଦଖଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୪ ଜଣ ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି । ଫଳରେ ୨୨୩ଜଣଙ୍କ ପ୍ରାର୍ଥପତ୍ର କାଏମ ରହିଛି । ସେହିଭଳି ସରପଞ୍ଚ ପଦବୀ ପାଇଁ ୧୩ଜଣ ପ୍ରତ୍ୟାହାର କରିଥିବା ବେଳେ ୮୫ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। ସମିତି ସଭ୍ୟ ପାଇଁ ୨୦ପଞ୍ଚାୟତରେ ୧୩ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ବେଳେ ୬୫ଜଣ ନିର୍ବାଚନ ମଇଦାନରେ ରହିଛନ୍ତି । ଅନ୍ୟପକ୍ଷେ ୨୦ ଗ୍ରାମପଞ୍ଚାୟତରୁ ୧୬୩ଜଣ ୱାର୍ଡ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିଛନ୍ତି । ୧୨ୱାର୍ଡରେ କେହି ୱାର୍ଡ ସଭ୍ୟ

### ସାଥୁଆ ସାରଙ୍କ ସ୍ମୃତିସଭା

**ଦଶପଲ୍ଲା,୨୫ା୧(ଡି.ଏନ.ଏ.):** ରାଧାମୋହନ ଜୀଉ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ସାତପଟଣାର ବରିଷ୍ଠ ସହକାରୀ ଶିକ୍ଷକ ଆନନ୍ଦ ଚନ୍ଦ୍ର ସାଥୁଆଙ୍କ ବିୟୋଗରେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ସଭାପତିତ୍ୱ କରି ସାଥୁଆ ସାରଙ୍କ କାର୍ଯ୍ୟଦକ୍ଷତା ଓ ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ତ୍ରିନାଥ ସାହୁ, ମାଟିଆ ପ୍ରଧାନ ,ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାଏକଙ୍କ ସହିତ ଅନ୍ୟମାନେ ସ୍ମୃତିଚାରଣ କରିଥିଲେ ।

### ଆକ୍ରମଣ ମାମଲାରେ ଜଣେ ଗିରଫ

ଜୟପୁର,୨୫ା୧ (ନି.ପ୍ର.)- ଏକ ଆକ୍ରମଣ ମାମଲାରେ ପୋଲିସ ନୂଆସାହି ୪ର୍ଥ ଲାଇନର ସମୁଏଲ ସାଗରଙ୍କୁ ଗିରଫ କରିଛି। ଗତ ୨୨।୧୦।୨୧ରେ ରୋହିତ ପାଇକରାୟଙ୍କୁ ସାମୁଏଲ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ରୋହିତ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସେବେଠାରୁ ଫେରାର ଥିବା ସାମୁଏଲ ଏବେ ଧରାପଡିବାରୁ ଗିରଫ ହୋଇଛନ୍ତି।

### ଜମି ବିବାଦକୁ ନେଇ ହତ୍ୟା ଘଟଣାରେ ୮ ଗିରଫ

ଚିତ୍ରକୋଣ୍ଡା,୨୫ା୧(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ଥାନା ଅନ୍ତର୍ଗତ ପଳାସପଦର ଗ୍ରାମର ତ୍ରିନାଥ ଖିଲଙ୍କ ସ୍ତ୍ରୀ ପଦ୍ମା ଖିଲ(୪୦)ଙ୍କୁ ଗ୍ରାମର ୮ ଜଣ ବ୍ୟକ୍ତି ଜମି ବିବାଦକୁ ନେଇ ବିଭିନ୍ନ ଧମକଚମକ ଦେଇ ଆସୁଥିଲେ। ଗତ ୧୪ତାରିଖ ସନ୍ଧ୍ୟାରେ ତ୍ରିନାଥ ଘର ଆଗ ସମ୍ମୁଖରେ ବସିଥିବା ବେଳେ ତାଙ୍କୁ ୮ଜଣ ବ୍ୟକ୍ତି ମାଡ଼ ମାରି ଟାଙ୍ଗିଆରେ ହାଣି ମାରି ଦେଇଥିଲେ। ପରେ ସେମାନେ ମୃତଦେହ ନଦୀରେ ଫୋପାଡି ଦେଇଥିଲେ। ଏନେଇ ପଦ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସ୍ ନଂ. ୧/୨୦୨୨ରେ ମାମଲା ରୁଜୁ କରି ନିକଟସ୍ଥ ନଦୀରେ ଫୋପା ଦେଇଥିଲେ। ଧମକ ଚମକ ଦେଉଥିଲେ ରେ ରୁଜୁ ହୋଇଥିବା କେସ ନମ୍ବର- ୦୧/୨୦୨୨ରେ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ୮ଜଣଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଅନିଲ କୁମାର ପରିଡ଼ା କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗଙ୍ଗାଧର ଖିଲ,ଶିବ ହନ୍ତାଳ, ଭଗବାନ ପାଙ୍ଗି, ଖଗ ଖରା, ନୀଳ ପାଙ୍ଗି, ମୂର୍ତ୍ତି ଖିଲ, ସହଦେବ ତାମ ରବି ଓ ଦମ୍ବୁରୁ ତାମରବି। ସୂଚନାଯୋଗ୍ୟ ନଦୀରେ ନିଖୋଜ ଥିବା ତ୍ରିନାଥଙ୍କ ମୃତଦେହ ଓଡ୍ରାଫ ଟିମ୍ ସହାୟତାରେ ଉଦ୍ଧାର କରାଯାଇଛି।

# ବାଜିମାତ୍ ପାଇଁ ସବୁ ଦଳର ଉଦ୍ୟମ

## କନ୍ଧମାଳ ଜିଲା ପରିଷଦ ନିର୍ବାଚନ

**ଫୁଲବାଣୀ ଅଫିସ, ୨୫ା୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ମଙ୍ଗଳବାର ଚୂଡାନ୍ତ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇଛି । କନ୍ଧମାଳ ଜିଲାରେ ମୋଟ ୧୮ଟି ଜିଲା ପରିଷଦ ଜୋନରେ ୬୮ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧରେ ବିଜେଡି, ଭାଜପା ଓ କଂଗ୍ରେସରୁ ୧୮ ଜଣ ଲେଖାଏ ଥିବା ବେଳେ ବହୁଜନ ମୁକ୍ତି ମୋର୍ଚ୍ଚାରୁ ୨, ଆମ୍ ଆଦମୀ ପାର୍ଟିରୁ ୪, କଳିଙ୍ଗ ସେନାରୁ ଜଣେ ଏବଂ ୭ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରଥମ ଥର ପାଇଁ ଜିଲା ପରିଷଦକୁ ହାତେଇଥିଲା । ଚଳିତଥର ଦଳ ପୁଣି ସେହି ବିଜୟ ଲକ୍ଷ୍ୟରେ ରହିଥିବା ବେଳେ ଭାଜପା ଏବଂ କଂଗ୍ରେସ ପାଇଁ ଏହା ସମ୍ମାନର ପ୍ରଶ୍ନ ହୋଇଛି ।

୨୦୧୭ ନିର୍ବାଚନରେ ବିଜେଡି ୯ଟି ଜୋନ୍‌ରେ ବିଜୟୀ ହୋଇଥିବା ବେଳେ ଭାଜପା ଏବଂ କଂଗ୍ରେସ ଉଭୟ ୪ଟି ଲେଖାଏ ଆସନ ନିଜ ସପକ୍ଷରେ ନେଇଥିଲେ । ଜଣେ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ । ସ୍ୱାଧୀନ ପ୍ରାର୍ଥୀଙ୍କୁ ଧରି ବିଜେଡି ଜିଲା ପରିଷଦ ଆସନ ହାତେଇବାରେ ସକ୍ଷମ ହୋଇଥିଲା । ଚଳିତ ନିର୍ବାଚନରେ ଯେପରି ସେଭଳି ସ୍ଥିତି ନ ଉପୁଜିବ, ସେଥିନେଇ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ଜିଲା ପର୍ଯ୍ୟବେକ୍ଷକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଗୋଟି ପରିଚାଳନା କରୁଛନ୍ତି। ଏକ ତରଫା ଭାବେ ବିଜେଡି କିପରି ଜିତିବ ସେଥିନେଇ ଜିଲାର ବିଧାୟକ ଏବଂ ଆଗଧାଡିର ନେତାଙ୍କ ସହ ବିଚାର ବିମର୍ଷ କରୁଛନ୍ତି।

ଅନ୍ୟପକ୍ଷରେ ଭାଜପା ଏବଂ କଂଗ୍ରେସ ଚଳିତଥର ସେମାନଙ୍କ ଆସନ ସଂଖ୍ୟା ବୃଦ୍ଧି କରିବାକୁ ଉଦ୍ୟମ ଚଳାଇଛନ୍ତି। କେନ୍ଦ୍ରରେ ଭାଜପା ଶାସନ କରୁଥିବାରୁ ଦଳୀୟ କର୍ମକର୍ତ୍ତା ଜିଲା ପରିଷଦରେ ଅଧିକ ସିଟ୍ ଜିତି ଜିଲା ପରିଷଦ ହାତେଇବାକୁ ଚେଷ୍ଟା କରୁଛି । ମାତ୍ର କଂଗ୍ରେସର ଗଡ ଥିବା ଏହି ଆସନ ଏବେ ହାତରୁ ଚାଲି ଯାଇଛି । ଦଳୀୟ ଗୋଷ୍ଠୀ କନ୍ଦଳ ଏଥିରେ ଅନ୍ତରାୟ ସାଜିଛି । ଚଳିତ ନିର୍ବାଚନରେ ସମସ୍ତେ ଏକ ହୋଇଥିବା ଦଳ ପକ୍ଷରୁ କୁହାଯାଉଥିଲେ ମଧ ନିର୍ବାଚନ ମଇଦାନରେ ତାହା ଦୃଷ୍ଟି ଗୋଚର ହେଉନାହିଁ । ସୂଚନାଯୋଗ୍ୟ, ୧୯୯୭ରେ ପ୍ରଥମ ନିର୍ବାଚନରେ କଂଗ୍ରେସର ସ୍ୱର୍ଣ୍ଣଲତା ପ୍ରଧାନ, ୨୦୦୨ରେ କଂଗ୍ରେସର ଦେବେନ୍ଦ୍ର କହଁର ଜିଲା ପରିଷଦ ଅଧକ୍ଷ ହୋଇଥିଲେ । ୨୦୦୭ରେ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥୀ ଶକୁନ୍ତଳା ମଲ୍ଲିକ ବିଜୟୀ ହୋଇ ଅଧକ୍ଷା ପଦବୀ ଅଳଙ୍କୃତ କରିଥିଲେ । ୨୦୧୨ ଜିଲା ପରିଷଦ ନିର୍ବାଚନରେ ବିଜେଡ଼ି ୬, ଭାଜପା ୩ ଓ କଂଗ୍ରେସ ୯ଟି ଆସନରେ ଜିତିଥିଲା। କଂଗ୍ରେସର ସଂଯୁକ୍ତା କହଁର ଜିଲା ପରିଷଦ ଅଧକ୍ଷା ନିର୍ବାଚିତ ହେବାରେ ସକ୍ଷମ ହୋଇଥିଲେ । ୨୦୧୭ରେ ବିଜେଡିର ଆକାଂକ୍ଷା ପ୍ରଧାନ ଜିଲା ପରିଷଦ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ ।

## ଧାନ କ୍ରୟ ନେଇ ଜିଲାପାଳଙ୍କ ସମୀକ୍ଷା ବୈଠକ



ବୈଠକରେ ଆଲୋଚନା ଚାଲିଛି।

**ପାରଳାଖେମୁଣ୍ଡି,୨୫ା୧(ଡି.ଏନ୍.ଏ)**

ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମିଲରଙ୍କ ଧାନଉଠା ଏବଂ ଧାନମଣ୍ଡି ସମ୍ପର୍କିତ ଏକ ବୈଠକ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଶୀନଗର ଓ ଗୋଷଣୀ ବ୍ଲକର ମିଲର୍‌ମାନଙ୍କ ସହ ଜିଲା ଯୋଗାଣ ଅଧିକାରୀ ଶତ୍ରୁଘ୍ନ ଗିରି, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ପାତ୍ର ଓ ଧାନ ସଂଗ୍ରହ ଅଧୀକ୍ଷକମାନେ ଉପସ୍ଥିତ ଥିଲେ। ମିଲର୍‌ମାନେ ଅଦିନିଆ ବର୍ଷାରେ ନଷ୍ଟ ହୋଇଯାଇଥିବା ଧାନର ମିଲିଙ୍ଗ ଓ ତା'ର କ୍ରୟ ସମ୍ପର୍କିତ ଅସୁବିଧା ଜିଲାପାଳଙ୍କୁ ଜଣାଇଥିଲେ। ଏଦିଗରେ ତୁରନ୍ତ ପଦକ୍ଷେପ ନେଇ ଧାନକ୍ରୟର ସୁବ୍ୟବସ୍ଥା କରିବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେବା ସହ ଚାଷୀମାନଙ୍କ ଧାନ କ୍ରୟ ଯେପରି ସୁରୁଖୁରୁରେ ହେବ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଭେଟଖୋଲ-ମେଣିଆକାଠି ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ଦାବି

**ଫୁଲବାଣୀ ଅଫିସ, ୨୫ା୧**

ଖଜୁରିପଡା ବ୍ଲକ ସୁଦ୍ରେକୁ ପଞ୍ଚାୟତର ଅଧିକାଂଶ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ । ଏହି ପଞ୍ଚାୟତର ୧୩ଟି ଗ୍ରାମକୁ ସଂଯୋଗ ଲାଗି ଭେଟଖୋଲ ଘାଟି ପାଖରୁ ମେଣିଆକାଠି ପର୍ଯ୍ୟନ୍ତ ୨୫ କି.ମି. ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ଅନ୍ତର୍ଭୁକ୍ତ କରି କାମ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏହା ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ସୁଦ୍ରେକୁ ପଞ୍ଚାୟତର ମେଣିଆକାଠି, ମୂଳଗୁଦାରୀ, ଲଣ୍ଡୁଗୁଡା, ସ୍ରାମ୍ବିପଡା, ଗୁଦାବାରୀ, ବାଣାମେରୁ, ଜାର୍ଗିସରୁ, ସୁରପାଙ୍ଗୁ, ଶଗଡକୁଟି, କୁଡୁପେଲି





ଅଭିଯୋଗ ପାଇଁ ଆସିଥିବା ଲୋକେ।

ବାରାପଡା, ସୁଦାପାଙ୍ଗୁ, ପ୍ରାଙ୍ଗପଡା ଗ୍ରାମକୁ ଭଲ ସଂଯୋଗୀ କରଣ ରାସ୍ତା ନାହିଁ। ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଗ୍ରାମକୁ ଯାଇପାରୁନାହିଁ । ଏସବୁ ଗ୍ରାମରେ ପ୍ରାୟ ୨୦୦୦ ଲୋକ ବସବାସ କରୁଥିବା ବେଳେ ରାସ୍ତା ନିହାତି ଆବଶ୍ୟକ ବୋଲି ଦାବି କରିଛନ୍ତି। ବହୁବାର ରାସ୍ତା ନିର୍ମାଣ ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ ଦୃଷ୍ଟି ଦିଆଯାଉନାହିଁ ଯାହାଫଳରେ ସବୁ କ୍ଷେତ୍ରରେ ହଇରାଣ ହେଉଛୁ । ତେଣୁ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଗୋପୀନାଥ କହଁର, ସାବିତ୍ରୀ ମାଝି, ଶାନ୍ତିଲତା ମାଝି, ସଞ୍ଜୟ ମାଝି ପ୍ରମୁଖ ପ୍ରକାଶ କରିଛନ୍ତି।

## ପାଙ୍ଗିଡ଼ି ସରପଞ୍ଚ ପ୍ରାର୍ଥିନୀ ଅପ୍ରତିଦ୍ୱନ୍ଦ୍ୱୀ

**ବୁଗୁଡ଼ା,୨୫ା୧(ଡି.ଏନ.ଏ.):**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପାଙ୍ଗିଡ଼ି ସରପଞ୍ଚ ପ୍ରାର୍ଥିନୀ ଭାଗ୍ୟଲତା ବିଷୋୟୀ ଅପ୍ରତିଦ୍ୱନ୍ଦ୍ୱି ହୋଇଛନ୍ତି। ଉକ୍ତ ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମଙ୍ଗଳବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସରେ ଭାଗ୍ୟଲତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ଫଳରେ ଭାଗ୍ୟଲତାଙ୍କ ଭାଗ୍ୟ ଖୋଲିଯାଇଛି।

## ସବୁବେଳେ ଯୁବବର୍ଗ ମତଦାନ ପାଇ ଆଗେଇ ଆସିବା ଉଚିତ

**କୋରାପୁଟ,୨୫ା୧(ସ୍ୱ.ପ୍ର.)**

କୋରାପୁଟଠାରେ ୧୨ତମ ଜାତୀୟ ମତଦାତା ଦିବସ ମଙ୍ଗଳବାର ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରର ସଭାଗୃହଠାରେ ପାଳିତ ହୋଇଯାଇଛି। ଜିଲାପାଳ ଅବଦାଲ ଏମ ଅଖତାର ମୁଖ୍ୟଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଯୁବବର୍ଗ ସବୁବେଳେ ମତଦାନ ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ଗତ ନିର୍ବାଚନରେ ଜିଲାର କୋଟପାଡ ଓ ଜୟପୁର ଅଞ୍ଚଳରେ ସର୍ବାଧିକ ଯୁବବର୍ଗ ମତଦାନରେ ଅଂଶଗ୍ରହଣ କରି ରାଜ୍ୟର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଶତାଧିକ ନୂତନ ଭୋଟରଙ୍କୁ ଜିଲାପାଳ ପରିଚୟପତ୍ର ପ୍ରଦାନ କରିଥିଲେ। ଏହା ସହ ୧୫ ଜଣ ବିଏଲଓ, ୧୯ ଜଣ ସୁପର ଭାଇଜରଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ରାମେଶ୍ୱର ପ୍ରଧାନ, ଉପଜିଲାପାଳ ଲଳିତ କହଁର, ଆଇଟିଡିଏ ପିଏ କାରୁ ସୋରେନ, ଜିଲା ନ୍ୟାୟ ଅଧିକାରୀ ସୁବ୍ରତ ମିଶ୍ର, ଜିଲା ଭୂଅର୍ଜନ ଅଧିକାରୀ ତପନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ନିର୍ବାଚନ: ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**ଗୋପାଳପୁର/ଗଞ୍ଜାମ/ଚିକିଟି,୨୫ା୧(ଡି.ଏନ.ଏ.)**

ମଙ୍ଗଳବାର ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ୩୨ ପଞ୍ଚାୟତ ପାଇଁ ୱାର୍ଡମେମ୍ବର ୫୭୩, ସରପଞ୍ଚ ୧୨୫, ସମିତିସଭ୍ୟ ୧୦୨ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ୮ ଜଣ ୱାର୍ଡମେମ୍ବରଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିବା ବେଳେ ୪୫ ଜଣ ୱାର୍ଡମେମ୍ବର, ୨୨ ସରପଞ୍ଚ, ୧୬ ସମିତିସଭ୍ୟ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଏଥିସହ ଚାନ୍ଦପୁର ସରପଞ୍ଚ ଓ ସମିତିସଭ୍ୟ ନିର୍ଦ୍ୱନ୍ଦ୍ୱ ରହିଛନ୍ତି। ଗଞ୍ଜାମ ବ୍ଲକର ୧୫ ପଞ୍ଚାୟତ ମଧ୍ୟରେ ୩ଟି ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ନିର୍ଦ୍ୱନ୍ଦ୍ୱ ହେଉଥିବା ବେଳେ ସରପଞ୍ଚ ପଦବୀ ପାଇଁ ୧୨ ପଞ୍ଚାୟତରେ ୪୫ ଜଣ ପ୍ରାର୍ଥି ଓ ପ୍ରାର୍ଥିନି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଉଛନ୍ତି। ସମିତିସଭ୍ୟ ପଦବୀ ନିମନ୍ତେ ୩୯ ଜଣ ପ୍ରାର୍ଥି ଓ ପ୍ରାର୍ଥିନି ନିର୍ବାଚନ ରଣାଙ୍ଗନରେ ଓହ୍ଲାଇଛନ୍ତି। ସେହିପରି ୧୫ ଟି ପଞ୍ଚାୟତର ବିଭିନ୍ନ ୱାର୍ଡ ପାଇଁ ୧୪୫ ଜଣ ୱାର୍ଡ ସଭ୍ୟ ଓ ସଭ୍ୟା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡିଛି। ଚିକିଟି ବ୍ଲକର ମୋଟ ୧୭ ପଞ୍ଚାୟତରୁ ଝାଟିପଦାର, କୋଟିଲିଙ୍ଗି, ରାମଚନ୍ଦ୍ରପୁର ଆଦି ୩ ଗୋଟି ପଞ୍ଚାୟତରେ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆଉ ବାକି ୧୪ ପଞ୍ଚାୟତରେ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସେହିପରି କଉତୁରୁ, କୋଟିଲିଙ୍ଗି, ପିତାତଳି, ରମ୍ଭା ପଞ୍ଚାୟତରେ ସମିତି ସଭ୍ୟ ପ୍ରାଥୀ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଥିବା ବେଳେ ଆଉ ବାକି ୧୩ ଗୋଟି ପଞ୍ଚାୟତରେ ସମିତିସଭ୍ୟ ପଦବୀ ପାଇଁ ସିଧା ସଳଖ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡିଛି।

## ଅଭିକର୍ତ୍ତା ପେସା, ସୁରକ୍ଷା ଦିବସ ପାଳିତ

**ଦିଗପହଣ୍ଡି,୨୫ା୧(ଡି.ଏନ.ଏ.)**

ଦିଗପହଣ୍ଡି ଚନ୍ଦ୍ରଚୂଡ଼େଶ୍ୱର ମନ୍ଦିର ପରିସରରେ ସୋମବାର ଭାରତୀୟ ଜୀବନ ବୀମା ନିଗମର ଅଭିକର୍ତ୍ତା ପେସା ଓ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ସର୍ବ ଭାରତୀୟ ଅଭିକର୍ତ୍ତା ଫେଡେରେଶନ ବ୍ରହ୍ମପୁର ଶାଖା-୧ ଆନୁକୂଲ୍ୟରେ ଏବଂ ଦିଗପହଣ୍ଡି ମିନି ଅଫିସ ଓ ସାଟେଲାଇଟ ଅଫିସ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସଭାପତି ଏସ୍.ମହେଶ୍ୱର ପୃଷ୍ଟି ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ଉନ୍ନୟନ ଅଧିକାରୀ ବ୍ରଜବିହାରୀ ପାଢ଼ୀ, ସମ୍ପାଦକ ଜଗନ୍ନାଥ ପାଳ, କୋଷାଧକ୍ଷ ପ୍ରଦୀପ କୁମାର ପାତ୍ର, ଉପଦେଷ୍ଟା ରବୀନ୍ଦ୍ର ନାଥ ସାହୁ ଏବଂ ବ୍ରହ୍ମପୁର ଡିଭିଜନ ସଭାପତି ପ୍ରିୟବ୍ରତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଆଇନଜୀବୀ ହରପ୍ରସାଦ ରଥ ଏବଂ କୁରେଶୁ ପଣ୍ଡା ନିମନ୍ତ୍ରିତ ଅତିଥି ଭାବେ





ମଞ୍ଚାସୀନ ଅତିଥିବୃନ୍ଦ।

ଯୋଗଦେଇଥିଲେ। ଏହି ଅବସରରେ ଦୁଇ ଆଇନଜୀବୀଙ୍କ ସମେତ ବୀମା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଛି ଅଭିକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ମିନି ଅଫିସ ଶାଖା ପ୍ରବନ୍ଧକ ଅକ୍ଷାଂଶୁ ଜ୍ୟୋତି ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ବାଲାଜୀ ବିଷୋୟୀ, କେଶବ ସାହୁ, ରବି ନାରାୟଣ ରଣା, ସୁରଥ ପଟ୍ଟନାୟକ, ପ୍ରମୋଦ ସ୍ୱାଇଁ, ରଘୁନାଥ ସାମନ୍ତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଶିଶୁକନ୍ୟା ଦିବସ

**ଧରାକୋଟ,୨୫ା୧(ଡି.ଏନ୍.ଏ.)**

ବାଲ୍ମୀକେଶର ଅନାଥ ଆଶ୍ରମ ସୋସାଇଟି ଧରାକୋଟଠାରେ ମଙ୍ଗଳବାର ଜାତୀୟ ଶିଶୁ କନ୍ୟା ଦିବସ ପାଳନ କରାଯାଇଛି। ଏହି ଅବସରରେ ଅପରାହ୍ନରେ ଏକ ସାଧାରଣ ସଭା ପରିଚାଳକ କେ.ଟୁନା ଦୋରାଙ୍କ ସଭାପତିତ୍ୱରେ ଆୟୋଜନ କରଯାଇଥିଲା। ମୁଖ୍ୟଅତିଥି ଭାବେ ଧରାକୋଟ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଡାଳିମ୍ବ ନାୟକ, ମୁଖ୍ୟବକ୍ତା ଭାବେ ଧରାକୋଟ ଥାନା ମହିଳା ପୋଲିସ ଅଧିକାରିଣୀ ଶୁଭଲକ୍ଷ୍ମୀ କହର, ସମ୍ମାନିତ ଅତିଥି ରୂପେ ଆଇସି ସୁପରଭାଇଜର ଭାଗ୍ୟଲତା ମଣ୍ଡଳ, ରାଜଲକ୍ଷ୍ମୀ ପ୍ରଧାନ, ଲକ୍ଷ୍ମୀ ଦଳାଇ, ସୁଶୀଳା ମଲ୍ଲିକ ଓ ପଦ୍ମାବତୀ ମଲ୍ଲିକ ଏବଂ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ ପି.ଗୀତାଞ୍ଜଳି ଦୋରା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଶିଶୁ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଦିଗପହଣ୍ଡିରେ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦ୍‌ଘାଟନରେ ଉପସ୍ଥିତ ଅତିଥିବୃନ୍ଦ।

**ଦିଗପହଣ୍ଡି,୨୫ା୧(ଡି.ଏନ.ଏ.)**

ଦିଗପହଣ୍ଡି ସ୍ଥିତ କଲୋନୀ ୟୁଥ ରିକ୍ରିଏଶନ କ୍ଲବ ସିୱାଇଆରସି ପକ୍ଷରୁ ୭୩ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏକ ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ନୀଳକଣ୍ଠ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଆଇନଜୀବୀ ହରପ୍ରସାଦ ରଥ, ମନୋରଞ୍ଜନ ପଣ୍ଡା, ତପନ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଓଡାସିଙ୍ଗି ଗ୍ରାମ ଭଲିବଲ ଟିମକୁ ହରାଇ ଦିଗପହଣ୍ଡି ରାଜପେଲେସ ଭଲିବଲ ଟିମ ବିଜୟ ହାସଲ କରିଥିବା ବେଳେ ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ଗୋକର୍ଣ୍ଣପୁର, ମଙ୍ଗରାଜପୁର ଏବଂ ଆୟୋଜକ ସିୱାଇଆରସି ଭଲିବଲ ଟିମ ବିଜୟୀ ହୋଇଥିଲେ। କ୍ଲବ କାର୍ଯ୍ୟକର୍ତ୍ତା ଟିଲୁ ଦଳେଇ, ରଞ୍ଜିତ ବେହେରା, ମୁନା ବେହେରା, ମୂରାରୀ ରଥ, ଟିକିନା ପଟ୍ଟନାୟକ, ଶିବ ପାଢ଼ୀ, ପିଣ୍ଟୁ ମହାନ୍ତି, ଶିବ ରଥ, ବାବୁଲା ମହାରଣା, ମିଲୁ ପାଣିଗ୍ରାହୀ, ରାଜକିରଣ ଦାସ, ବବୁଲ ପାଣିଗ୍ରାହୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଦସ୍ୟ ଟିଲୁ ଦଳେଇ ପ୍ରକାଶ କରିଛନ୍ତି।

## ମିଥ୍ୟା ଚାଲାଣ କାଟୁଛି ନବରଙ୍ଗପୁର ଟ୍ରାଫିକ୍ ପୋଲିସ

**ଦାମନଯୋଡ଼ି,୨୫ା୧(ଡି.ଏନ୍.ଏ.)**

କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ନାଲ୍‌କୋରେ କାର୍ଯ୍ୟରତ ଡ୍ରାଇଭର ଦେବେନ୍ଦ୍ର ମହାନ୍ତି ତାଙ୍କ ନିଜ ବୁଲେଟ୍ ଗାଡି (ଓଡ଼ି୧୦ ଡି-୯୯୦୦) ବାବଦରେ ମିଥ୍ୟା ଚାଲାଣ କଟାଯାଇଥିବା ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଟ୍ରାଫିକ୍ ପୋଲିସ ପକ୍ଷରୁ ୧ହଜାର ଟଙ୍କା ଜରିମାନାର ଚାଲାଣ ନେଇ ଗତ ମେ ୧୦ରେ ତାଙ୍କ ମୋବାଇଲକୁ ମେସେଜ୍ ଆସିଥିବା ବେଳେ ପୁଣି ଥରେ ଜାନୁୟାରୀ ୧୯ରେ ପୁନର୍ବାର ଏକ ମେସେଜ ଆସିଛି। ତେବେ ଦେବେନ୍ଦ୍ର ତାଙ୍କ ବୁଲେଟ୍‌ରେ କେବେ ନବରଙ୍ଗପୁର ଯାଇନାହାନ୍ତି । ଏପରି ସ୍ଥଳେ ତାଙ୍କ ବୁଲେଟ୍ ନଂ.ରେ ମିଥ୍ୟା ଚାଲାଣ କଟାଯିବା ତାଙ୍କୁ ବିସ୍ମିତ କରିଛି। ଏନେଇ ସେ ରେଜିଷ୍ଟ୍ରି ଡାକ ଯୋଗେ ନବରଙ୍ଗପୁର ଟ୍ରାଫିକ୍ ଇନ୍ସପେକ୍ଟରଙ୍କ ନିକଟକୁ ଲିଖିତ ଅଭିଯୋଗ ପଠାଇଛନ୍ତି। ଏହାର ନକଲ ମଧ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ଏବଂ ନବରଙ୍ଗପୁର ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ତେବେ ଉକ୍ତ ଚାଲାଣ ବାବଦ ଅର୍ଥ ସେ ବାନ୍ଧିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

## ତହସିଲଦାରଙ୍କ ବଦଳି ଦାବି ନେଇ ଖବରଦାତା ସମ୍ମିଳନୀ

**ବୁଗୁଡ଼ା,୨୫ା୧(ଡି.ଏନ.ଏ.)**

ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ବିଜେଡି ପ୍ରୀତି ସାଙ୍ଗକୁ ବିଭିନ୍ନ ଦୁର୍ନୀତି ବିରୋଧରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଦୀର୍ଘ ୪ ବର୍ଷ ହେଲା ଅତିରିକ୍ତ ତହସିଲଦାର ଦାୟିତ୍ୱରୁ ତହସିଲଦାର ହେବା ସହ ବର୍ତ୍ତମାନ ଉପ ନିବନ୍ଧକ ଭାବେ ଦୈତ୍ୟ ଦାୟିତ୍ୱରେ ରହି ଖଣିଠାରୁ ଜମି ପର୍ଯ୍ୟନ୍ତ ସବୁଠି ଦୁର୍ନୀତିରେ ଲିପ୍ତ ରହୁଥିବା ବେଳେ କାନସୁକା କୁଣ୍ଡାଖାଇ ପାହାଡ଼, ସଙ୍କୁରୁ ଭାଲୁ ପାହାଡ଼ ଓ ବେତାରସିଂ ପଥର କୁଆଁରୀକୁ ନିଲାମ ନ କରାଇ ମାଫିଆମାନଙ୍କ ହାତକୁ ଟେକିଦେଇ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରିଲୁଟ୍ କରୁଥିବା, ଭାଜପା କର୍ମୀମାନଙ୍କୁ ଧମକ ଚମକ ଦେଇ ବିଜେଡିରେ ସାମିଲ ହେବାକୁ ବାଧ କରୁଥିବା, କଳାଧନରେ ବିଭିନ୍ନ ସ୍ଥାନରେ ଅଟ୍ଟାଳିକା ନିର୍ମାଣ କରୁଥିବା, ଜମି ଓ ଖଣି ମାଫିଆଙ୍କ ଗହଣରେ ଆସର ଜମାଇ ତହସିଲ କାର୍ଯ୍ୟାଳୟକୁ ବିଜେଡି ଅଫିସ ରୂପେ ବ୍ୟବହାର କରୁଥିବା ଭଳି





ଭାଜପାର ଖବରଦାତା ସମ୍ମିଳନୀ।

ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ସମ୍ପୃକ୍ତ ତହସିଲଦାରଙ୍କୁ ଶୀଘ୍ର ବଦଳି କରିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ମିଳନୀରେ ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ଦାବି କରିଛନ୍ତି। ଏନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିବା ସହ ୭ ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ନଗର ଭାଜପା ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି, ଅଧିବକ୍ତା ହର ପ୍ରସାଦ ଦାଶ ଓ ନଟବର ଜେନା, ହରିହର ସାହୁ, ଗୌର ଚରଣ ପ୍ରଧାନ, କୃଷ୍ଣଚନ୍ଦ୍ର ମହାପାତ୍ର ଓ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ କରାଯାଇଥିବା ସମସ୍ତ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସ୍ଥାନୀୟ ତହସିଲଦାର ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଧାନ କିଣାରେ ବଢୁଛି ଅବ୍ୟବସ୍ଥା

■ କଟ୍‌ନୀଛଟ୍‌ନୀକୁ ଲଗାମ ନାହିଁ
■ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା

ନୟାଗଡ଼ ଅଫିସ,୨୫।୧

ନୟାଗଡ଼ ଜିଲାରେ ଧାନକିଣାରେ ଅବ୍ୟବସ୍ଥା ବଢୁଛି। କଟ୍‌ନୀଛଟ୍‌ନୀ କରାଯିବ ନାହିଁ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶକୁ ମିଲର ଅଣଦେଖା କରି ସେହି ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ଅଭିଯୋଗ ହୋଇଛି। ଜିଲାର ବିଭିନ୍ନ ମଣ୍ଡିରେ ୧କୁଇଣ୍ଟାଲ ଧାନରୁ ୧୦ରୁ୧୮ କେଜି ପର୍ଯ୍ୟନ୍ତ କଟା ଯାଉଛି। ମନ ପାଇଲେ ଧାନ ଦିଅ ନଚେତ୍ ଫେର ବୋଲି ମିଲର ରୋକ୍‌ଠୋକ୍ କହୁଛନ୍ତି । ଚାଷୀ ମଣ୍ଡିକୁ ଧାନ ଆଣି ପୁଣି ଘରକୁ ଫେରାଇବା କଷ୍ଟକର ହେଉଥିଲେ ହେଁ ପ୍ରତିକାର ନାହିଁ। ମିଲରଙ୍କ ଏପରି ନାଲିଆଖି ଅସହ୍ୟ ହୋଇଛି । ଏହା ବିରୋଧରେ ପ୍ରତିବାଦର ସ୍ୱର ଉଠୁଛି । ହେଲେ ଅନ୍ୟ କୌଣସି ଉପାୟ ନ ଥିବାରୁ ଚାଷୀ ନାନା ଅସୁବିଧାରେ ଧାନବିକ୍ରି କରିବାକୁ ବାଧ୍ୟ ହେଉଛି।

**ଚାଷୀଙ୍କ ରାସ୍ତାରୋକୋ:** ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ ଫିସରୀ ଅଫିସ ସମ୍ମୁଖ ନୟାଗଡ଼ ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିଥିବା ମଣ୍ଡିରେ କୁଇଣ୍ଟାଲ ପିଛା ୧୮ କେଜି ଧାନ କାଟିବା ପ୍ରତିବାଦରେ ମଙ୍ଗଳବାର ଅପରାହ୍ନ ୧ଟାରୁ ଖଣ୍ଡପଡ଼ା-ନୟାଗଡ଼ ରାସ୍ତା ଅବରୋଧ କରାଯାଇଥିଲା । କଟ୍‌ନୀଛଟ୍‌ନୀର ପ୍ରତିବାଦ କରି ସିନ୍ଦୁରିଆ, ଲକ୍ଷ୍ମୀପ୍ରସାଦ, ବାରବାଟୀ, ବରପଲି, ଗୌଡ଼ଗାଁ ଅଞ୍ଚଳର ଚାଷୀମାନେ ଆନ୍ଦୋଳନ କରିଥିଲେ। ଏନେଇ ସିନ୍ଦୁରିଆର ଚାଷୀ ଗୋଲାପ ଖାଁ ଓ ନୁରୁଦ୍ଦିନ ଖାଁ, ବରପଲୀର ପ୍ରମୋଦ ନାୟକ କୁହନ୍ତି, କୁଇଣ୍ଟାଲ ପିଛା ୧୮ କେଜି ଧାନ କାଟିବାକୁ ମିଲର କହିବା ପରେ ଚାଷୀମାନେ ଉତ୍ତେଜିତ ହୋଇଥିଲେ। ଜିଲାପାଳ ଗଣମାଧ୍ୟମରେ କହୁଛନ୍ତି କଟ୍‌ନୀଛଟ୍‌ନୀ ହେବନାହିଁ । ସେପଟେ ମିଲର ଧାନ କଟ୍‌ନୀଛଟ୍‌ନୀ କରିବା କେତେଦୂର ଠିକ୍ । ପ୍ରତିବାଦ ପରେ ୧୨ କେଜି ଓ ୧୦ କେଜି କାଟିବାକୁ କହିଥିଲେ। ଘଟଣା ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଓ ଉପଜିଲାପାଳଙ୍କୁ କହିବା ପରେ କଟ୍‌ନୀଛଟ୍‌ନୀ ବନ୍ଦ ହେବ ବୋଲି ପ୍ରତିଶ୍ରୁତି ମିଳିଛି।

**ଉପଜିଲାପାଳଙ୍କୁ ଭେଟିଲେ ଚାଷୀ:** ମିଲର ପରିବର୍ତ୍ତନ ନେଇ ନୟାଗଡ଼ ବ୍ଲକ କାଳିକାପ୍ରସାଦ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଚାଷୀ ଉପଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁସାରେ କାଳିକାପ୍ରସାଦ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଖୋଲିଛି। ହେଲେ ମିଲର ଧାନ କିଣିବାକୁ ଅରାଜି ହେବା ପରେ ଚାଷୀଙ୍କ ଧାନ ବିକ୍ରି ନେଇ ପ୍ରଶ୍ନ ଉଠିଛି। ଏଣୁ ନୂଆ ମିଲରଙ୍କୁ ବଦଳାଇ ପୁରୁଣା ମିଲର ଦ୍ୱାରା ଧାନକିଣିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି ବୋଲି ଚାଷୀ ଜଗନ୍ନାଥ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର, ସନାତନ ରାଉତ କହିଛନ୍ତି। ଏନେଇ ଜିଲାପାଳ ପୋମା ଟୁଡୁ କୁହନ୍ତି, ଧାନ କଟ୍‌ନୀଛଟ୍‌ନୀ ନେଇ ଅନୁଧ୍ୟାନ ପରେ ପଦକ୍ଷେପ ନେବି । ଏଆରସିଏସ୍ ବିରଜା ନନ୍ଦ ଦାଶ କୁହନ୍ତି, ଧାନ କଟ୍‌ନୀଛଟ୍‌ନୀକୁ ବନ୍ଦ କରାଯାଇଛି। ଚାଷୀଙ୍କ ଆନ୍ଦୋଳନ ପରେ ମିଲର ବଦଳାଇବାକୁ ନିଷ୍ପତ୍ତି ହୋଇଛି । ଚାଷୀ ଉପଜିଲାପାଳଙ୍କୁ ଭେଟିବା ପରେ ଧାନକିଣା ହୋଇଛି ବୋଲି ମିଲର କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି ଧାନକିଣାରେ କଟ୍‌ନୀଛଟ୍‌ନୀ ବନ୍ଦ। ମିଲର କଟ୍‌ନୀଛଟ୍‌ନୀ କରିପାରିବେ ନାହିଁ। ଧାନର ମାନ ନିରୂପଣ କରାଯାଇ ଧାନ କିଣାଯିବ । ପ୍ରାଥମିକ କୃଷି ସମବାୟ ସମିତି ଧାନ କିଣିବା ପରେ ମିଲର ଧାନ ନ ଉଠାଇଲେ ଯୋଗାଣ ବିଭାଗ ପଦକ୍ଷେପ ନେବ ବୋଲି ସେ କହିଛନ୍ତି।


ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀ ।

## ସଂକ୍ଷେପରେ

### ୨୫ କେଜି ଗଞ୍ଜେଇ ଜବତ, ୩ ଜେଲ୍ ଗଲେ



**ନୟାଗଡ଼ ଅଫିସ,୨୫।୧:** ନୟାଗଡ଼ ଟାଉନ ଥାନା ପୋଲିସ ତୁଳସୀପୁରଠାରୁ ସୋମବାର ଅପରାହ୍ନରେ ବାଇକ୍ ସହ ୨୫କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ଭୁବନେଶ୍ୱର ସହୀଦନଗର ଥାନା ସାଇନ୍ସପାର୍କ ବସ୍ତିର ତ୍ରିଲୋଚନ ମହାପାତ୍ର(୧୯), କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା କାଶିଙ୍ଗପଦରର ଅଗସ୍ତି କରଣ(୩୨) ଜୟସିଂ ଦିଗାଲ(୩୫) ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। କନ୍ଧମାଳରୁ ଗଞ୍ଜେଇ ନେଇ ବାଇକ୍‌ରେ ସେମାନେ ଭୁବନେଶ୍ୱର ଯାଉଥିଲେ। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିବା ପରେ ଗଞ୍ଜେଇ ଧରାପଡିଥିଲା ।

### ଜଙ୍ଗଲରୁ ଅଚିହ୍ନା ମୃତଦେହ ଜବତ

**ନୟାଗଡ଼ ଅଫିସ,୨୫।୧:** ନୟାଗଡ଼ ଜିଲା ରଣପୁର ଥାନା ପୋଲିସ ବଜ୍ରକୋଟ ପଞ୍ଚାୟତ ଶ୍ରୀକୃଷ୍ଣପୁର ଜଙ୍ଗଲର ନାଳ ପାଖରୁ ମଙ୍ଗଳବାର ଏକ ମୃତଦେହ ଜବତ କରିଛି । ମୃତ ବ୍ୟକ୍ତିଙ୍କର ବୟସ ୪୦ରୁ୫୦ ବର୍ଷ ମଧରେ ହେବ । ମୃତଦେହଟି ୪ରୁ୫ ଦିନ ହେଲା ନାଳପାଖରେ ପଡି ରହିଥିବା ଅନୁମାନ କରାଯାଉଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ମୃତଦେହ ଜବତ କରି ଏକ ମାମଲା(ନଂ.୩/୨୨)ରୁଜୁ କରି ତଦନ୍ତ ଚଳାଇଛି ।

### ଖଣ୍ଡପଡ଼ା: ନିର୍ବାଚନ ମଇଦାନରେ ୯୧ ସରପଞ୍ଚ ପ୍ରାର୍ଥୀ

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.):** ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ଦିବସରେ ୪୧ୱାର୍ଡ ସଭ୍ୟ, ୧୪ ସରପଞ୍ଚ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ୧୨ ସମିତି ସଭ୍ୟ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଏବେ ସର୍ବମୋଟ ୯୧ ଜଣ ସରପଞ୍ଚ, ୮୩ ସମିତି ସଭ୍ୟ ଓ ୫୯୧ ୱାର୍ଡ ସଭ୍ୟ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ସରପଞ୍ଚ ପଦବୀ ନିମନ୍ତେ ୧୦୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେମାନଙ୍କ ମଧ୍ୟରୁ ୧୪ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି । ସେହିପରି ୯୫ଜଣ ସମିତି ସଭ୍ୟ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୧୨ ଜଣ ପ୍ରତ୍ୟାହାର କରିଥିବା ବେଳେ ୬୩୯ ଜଣ ୱାର୍ଡ ସଭ୍ୟ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ୭ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିଲା । ୪୧ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିବା ବିଡ଼ିଓ ଅରୁଣିମା ସାହୁ କହିଛନ୍ତି ।

### ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିଲେ ସରପଞ୍ଚ, ସମିତି ସଭ୍ୟ

**ନୂଆଗାଁ,୨୫।୧(ଡି.ଏନ.ଏ.):** ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତରେ ୧୩ ୱାର୍ଡ ସଭ୍ୟଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ଉକ୍ତ ପଞ୍ଚାୟତରେ ୧୩ ୱାର୍ଡର ବହୁ ଆଶାୟୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ । ସମିତି ସଭ୍ୟ ପଦବୀ ପାଇଁ ମାଳତୀ ସାହୁ, ନମିତା ବେହେରା , ମିନତି ବେହେରା ଓ ହରପ୍ରିୟା ଦାସ ନାମାଙ୍କନ ଦାଖଲ କରିଥିଲେ । ହେଲେ ହରପ୍ରିୟାଙ୍କୁ ଛାଡି ଅନ୍ୟ ୩ ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ତେଣୁ ଗାତେରୀ ପଞ୍ଚାୟତର ସମିତି ସଭ୍ୟ ଭାବେ ହରପ୍ରିୟା ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି ସରପଞ୍ଚ ପଦବୀ ପାଇଁ ଟିଁକିନା ସାହୁ , ଅଞ୍ଜଳୀ ରାଉତ ଓ ସସ୍ମିତା ସାହାଣୀ ନାମାଙ୍କନ ଦାଖଲ କରିଥିଲେ । ସେମାନଙ୍କ ମଧ୍ୟରୁ ସସ୍ମିତାଙ୍କୁ ଛାଡି ଅନ୍ୟ ୨ ଜଣ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି । ତେଣୁ ସସ୍ମିତା ଗାତେରୀ ପଞ୍ଚାୟତର ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି ।

## ସରପଞ୍ଚ, ସମିତି ସଭ୍ୟ ସମେତ ୧୫ ୱାର୍ଡସଭ୍ୟ ନିର୍ବାଚିତ

ଓଡ଼ଗାଁ,୨୫।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ବଣପାହାଡ଼ ଘେରା ହରିଜନ ଆଦିବାସୀ ପଞ୍ଚାୟତ ଭାବେ ଜଣାଶୁଣା ବାଣ୍ଡପୁରରେ ସରପଞ୍ଚ, ସମିତି ସଭ୍ୟ ଓ ସମସ୍ତ ୧୫ ୱାର୍ଡ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ମଙ୍ଗଳବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସରେ ଏହି ପଞ୍ଚାୟତରେ ଉପରୋକ୍ତ ପ୍ରାର୍ଥୀମାନଙ୍କ ବିରୋଧରେ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ସରପଞ୍ଚ ଆସନରେ ସୁନିତା ବାରିକ ଓ ସମିତି ସଭ୍ୟ ଭାବେ ସସ୍ମିତା ଦଳବେହେରା ନିର୍ବାଚିତ ହୋଇଛନ୍ତି। ସେହିପରି ସମସ୍ତ ୧୫ ୱାର୍ଡ ସଭ୍ୟ ବି ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି।

## କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଛି

ନୂଆଗାଁ,୨୫।୧(ଡି.ଏନ.ଏ.)–

କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢି ଚାଲିଥିବା ମଙ୍ଗଳବାର ନୂଆଗାଁ ବ୍ଲକରୁ ସର୍ବାଧିକ ୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଲୋକମାନେ କୋଭିଡ୍ କଟକଣା ମାନୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଚଳିତ ମାସ ୨୨ ତାରିଖରେ ନୟାଗଡ଼ ଜିଲାରେ ୧୯୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ନୂଆଗାଁ ବ୍ଲକରୁ ସର୍ବାଧିକ ୩୬ ଜଣ ଚିହ୍ନଟ ହୋଇଥିଲେ । ସେହିଭଳି ୨୩ରେ ୩୦ ଜଣ,୨୪ ରେ ୨୩ ଜଣ ମଙ୍ଗଳବାର ନୂଆଗାଁ ବ୍ଲକରୁ ସର୍ବାଧିକ ୪୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସ୍ୱଚ୍ଛ ଭୋଟର ତାଲିକାରେ ନୟାଗଡ଼ ପ୍ରଥମ

ନୟାଗଡ଼ ଅଫିସ,୨୫।୧

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୧୨ତମ ଭୋଟର ଦିବସ ପାଳିତ ହୋଇଯାଇଛି । ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଉପଜିଲାପାଳ ଲଗ୍ନଜିତ୍ ରାଉତ ପରିଚାଳନା କରିଥିଲେ । ଏଥିରେ ଉପଜିଲାପାଳ ସୂଚନା ଦେଇଥିଲେ ସ୍ୱଚ୍ଛ ଭୋଟର ତାଲିକାରେ ନୟାଗଡ଼ ଜିଲା ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସ ଅବସରରେ ନୟାଗଡ଼ ରାଜ୍ୟରେ ପ୍ରଥମ ବୋଲି ଘୋଷଣା କରାଯାଇଛି। ଜିଲାର ରଣପୁର ନିର୍ବାଚନମଣ୍ଡଳୀରେ ୧୨୧୮, ନୟାଗଡ଼ ନିର୍ବାଚନମଣ୍ଡଳୀରେ ୧୧୪୯,ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୧୩୦୦, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ୧୩୮୩ ଏପରି ମୋଟ୍ ୫୦୫୦ ଯୁବ ଭୋଟରଙ୍କ ନାଁ ସାମିଲ କରାଯାଇଛି। ଜିଲାର ଲୋକସଂଖ୍ୟା ୧୦ଲକ୍ଷ ୮୦ହଜାର ୩୩୧ଥିବାବେଳେ ୮ ଲକ୍ଷ୯ ହଜାର ୬୭୬ଭୋଟର ଅଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ,ଅତିରିକ୍ତ ଉପଜିଲାପାଳ ଅବନୀ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆ ଭୋଟରଙ୍କୁ କାର୍ଡ ପ୍ରଦାନ କରାଯାଉଛି ।

## ଆରସିସି ଦଶପଲ୍ଲା ବିଜୟୀ

**ଏଫ୍‌ଇସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ନୂଆଗାଁ,୨୫।୧(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ କଲେଜ ନିକଟ ପଡ଼ିଆରେ ଫ୍ରେଣ୍ଡସ୍ ଇଲେଭେନ କ୍ରିକେଟ୍ କ୍ଲବ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ମ୍ୟାଚ୍ ଆରସିସି ଦଶପଲ୍ଲା ଓ କଲୋନୀ ଦଶପଲ୍ଲା ଟିମ ମଧ୍ୟରେ ହୋଇଥିଲା। କଲୋନୀ ଦଶପଲ୍ଲା ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଆରସିସି ଦଶପଲ୍ଲା ଟିମ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରି କରିଥିଲା। କଲୋନୀ ଦଶପଲ୍ଲା ଟିମ୍ ୧୭ ଓଭରରେ ୧୩୨ ରନ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଥିଲା। ଫଳରେ ଆରସିସି ଦଶପଲ୍ଲା ଟିମ୍ ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଶଙ୍କର ଖଟେଇ ୭୯ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ । ଏଥିରେ ସାମାଜିକ କର୍ମୀ ଗୋପବନ୍ଧୁ ଖଣ୍ଡୁଆଳ ମୁଖ୍ୟଅତିଥି ଓ ଶାଶ୍ୱତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।


ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

■ ୩୬ ହଜାର ଟଙ୍କା ଜରିମାନା
■ ଶରଣକୁଳ ବୋମା ମାଡ଼ ମାମଲା

ଓଡ଼ଗାଁ, ୨୫।୧ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଶରଣକୁଳ ଥାନା ବଙ୍ଗଳା ସାହି ବୋମା ମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଶରଣକୁଳ ହରିହରପୁର ଭାବିଦେଇପୁରର ବୁଦ୍ଧିଆ ନାୟକ ଓରଫ ତ୍ରିଲୋଚନ ନାୟକ (୪୭)ଙ୍କୁ ମଙ୍ଗଳବାର ସହକାରୀ ଦୌରାଜଜ୍ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ବୁଦ୍ଧିଆ ନାୟକ ୨।୬।୨୦୧୬ ରାତିରେ ଦୁଇ ସହଯୋଗୀଙ୍କ ସହିତ ଏକ ବାଇକ୍‌ରେ ଆସି ଶରଣକୁଳ ବଙ୍ଗଳା ସାହିର ଶେଖ ଅଜମତଙ୍କ ଘର ସମ୍ମୁଖରେ ଠିଆ ହୋଇ ୨ ରାଉଣ୍ଡ ଗୁଳି ଚଳାଇ ଥିଲେ। ଗୁଳିକାଣ୍ଡରୁ ବର୍ତ୍ତିବା ପାଇଁ ଅଜମତ ତାଙ୍କୁ ଗୁଳି ନ କରିବାକୁ କାକୁତି ମିନତୀ ହୋଇଥିଲେ । ଫଳରେ ବୁଦ୍ଧିଆ ଓ ସହଯୋଗୀ ସେଠାରେ ଦୁଇଟି ବୋମା ଫୁଟାଇ ଚାଲିଯାଇଥିଲେ । ଏଥିରେ ସେହି ସାହିର ସନ୍ତୋଷ ମହାନ୍ତି ଆହତ ହୋଇ ଶରଣକୁଳ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ଏନେଇ ଶରଣକୁଳ ଥାନାରେ ଶେଖ ଅଜମତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୭୧/୨୦୧୬) ରୁଜୁ କରି ପୋଲିସ ବୁଦ୍ଧିଆଙ୍କୁ ଗିରଫ କରି ତଦନ୍ତ କରିଥିଲା । ସମୁଦାୟ ୬ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ବିଚାରପତି ଶିବାଶିଷ ଗିରି ବୁଦ୍ଧିଆଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୩୬ ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି

## ଗଛରେ ପିଟି ହେଲା ବସ୍

ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.)

ସୋମବାର ରାତିରେ ଏକ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଉକ୍ତ ବସ୍ କଣ୍ଟିଲୋରୁ ବେଣାଗାଡ଼ିଆକୁ ଯାଉଥିଲା । ସେଠାରୁ ବରଯାତ୍ରୀ ନେଇ ଯିବାର କାର୍ଯ୍ୟକ୍ରମ ଥିଲା । କଣ୍ଟିଲୋରୁ ଉକ୍ତ ବସ୍‌ଟି ବେଣାଗାଡ଼ିଆ ଯାଉଥିବା ବେଳେ ଶୁଳିଆ ଠାକୁରାଣୀ ମନ୍ଦିର ସାମ୍ନା ମୁଖ୍ୟ ରାସ୍ତା ଉପରେ ଥିବା ହମ୍ପସରେ ଧକ୍କା ହୋଇ ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା । ବସରେ କୌଣସି ଯାତ୍ରୀ ନ ଥିବ ସୂଚନା ମିଳିଛି ।

## ହୋଟେଲ, ଲଜ୍‌ରେ ଚଢ଼ାଉ

ନୟାଗଡ଼ ଅଫିସ,୨୫।୧

ନିର୍ବାଚନକୁ ଆଖି ଆଗରେ ରଖି ନୟାଗଡ଼ ଟାଉନ ଥାନା ପୋଲିସ ସହରର ବଡ଼ ହୋଟେଲ ଓ ଲଜ୍ ଉପରେ ଚଢ଼ାଉ କରୁଛି। ମଙ୍ଗଳବାର ଏପରି ଚଢ଼ାଉ ହୋଇଛି। ଆଗାମୀ ଦିନରେ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ମିଳିଛି ।

# ନିଲାମ ହେଲା ୨ ୱାର୍ଡମେମ୍ବର ପଦବୀ

**ନୟାଗଡ଼ ଜିଲା ପଞ୍ଚାୟତ ପରିକ୍ରମା**

ନୟାଗଡ଼ ଅଫିସ,୨୫।୧

ପଞ୍ଚାୟତ ନିର୍ବାଚନକୁ ନେଇ ଉଷ୍ମତା ବଢୁଛି। ତେବେ ଦୁଇ ୱାର୍ଡମେମ୍ବର ପଦବୀ ଦଶପଲ୍ଲା ବ୍ଲକରେ ନିଲାମ ହୋଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଡିହଗାଁ ପଞ୍ଚାୟତର ଡିହଗାଁର ଏକ ୱାର୍ଡମେମ୍ବର ପଦବୀ ପାଇଁ ୬୨ ହଜାର ଓ ଦଳକ ସାହି ୱାର୍ଡ ମେମ୍ବରପାଇଁ ୫୧ ହଜାର ଟଙ୍କାରେ ନିଲାମ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ସଭା ବସି ଅନ୍ୟମାନଙ୍କୁ ପ୍ରାର୍ଥୀପତ୍ର ଦାଖଲ ନ କରିବାକୁ ପରାମର୍ଶ ଦିଆଯାଇଥିଲା । ଯାହାକି ତଦନ୍ତ ସାପେକ୍ଷ । ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ମତ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, କିଛିଦିନ ତଳେ ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ବିଲେଇସର୍ଡା ପଞ୍ଚାୟତରେ ସରପଞ୍ଚ ପଦ ନିଲାମ ହୋଇଥିବା ନଜରକୁ ଆସିଥିଲା ।

**ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ:**ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ନୟାଗଡ଼ ବ୍ଲକ କ୍ରୀଦାଶପୁର ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ସଞ୍ଜୁବାଳା ବିଶ୍ୱାଳ, ସମିତିସଭ୍ୟ ବାସନ୍ତୀ ଦେବୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ୬ଜଣ ଓ ସମିତିସଭ୍ୟ ପଦବୀରେ ୨ଜଣପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ୫ ସରପଞ୍ଚ ପ୍ରାର୍ଥୀ ଓ ଜଣେ ସମିତିସଭ୍ୟ ପ୍ରାର୍ଥୀ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବାପରେ ନିର୍ବାଚନର ଆବଶ୍ୟକତା ନାହିଁ ।

**୩୦ ବୁଥ୍ ଉତ୍ତେଜନା ପ୍ରବଣ:** ନୟାଗଡ଼ ସଦର ଥାନାର ୨୦୧ ବୁଥ ମଧ୍ୟରୁ ୩୦ ଉତ୍ତେଜନା ପ୍ରବଣ । ଏହି ବୁଥ୍‌ରେ ନୂଆଗାଁ ବ୍ଲକର ୫ପଞ୍ଚାୟତ ଓ ନୟାଗଡ଼ବ୍ଲକର ୮ଟି ପଞ୍ଚାୟତ ରହିଛି। ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ ଲକ୍ଷ୍ମୀପ୍ରସାଦ, ବୋଦାପଡା, ବାଲୁଗାଁ, ଯଦୁପୁର,କ୍ରୀଦାଶପୁର,ମାଳିସାହି ପରି ୩୧ ଉତ୍ତେଜନା ପ୍ରବଣ ବୁଥ୍‌କୁ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ନିର୍ବାଚନ ପୂର୍ବରୁ ୩୦ ବୁଥରେ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ୍ କରାଯିବ ବୋଲି ନୟାଗଡ଼ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ କହିଛନ୍ତି ।

**ହୋର୍ଡିଂ ହଟାଉନି ପ୍ରଶାସନ:** ବିଜେଡି ସରକାରଙ୍କ ସଫଳତାର ଗାଥା ବଖାଣୁଛି ବଡ ବଡ ହୋର୍ଡିଂ । ଯେଉଁଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି । ଏଭଳି ହୋର୍ଡିଂ ଗୋଡିସାହି ପଞ୍ଚାୟତ ସମେତ ଓଡ଼ଗାଁ ବ୍ଲକର ବିଭିନ୍ନ ଗାଁରେ ଦେଖିବାକୁ ମିଳୁଛି । ସେହିପରି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସର କୁସୁମୀ ନଦୀ ବ୍ରିଜ ଠାରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥାଇ ବଡ଼ ହୋର୍ଡିଂ ଝୁଲୁଛି । ହେଲେ ପ୍ରଶାସନ ସେହି ହୋର୍ଡିଂ ହଟାଉ ନ ଥିବାରୁ ବିଭିନ୍ନ ରାଜନୈତିକ ଦଳ କର୍ମକର୍ତ୍ତା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏନେଇ ଜିଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି କୁହନ୍ତି ,ଏ ସଂକ୍ରାନ୍ତରେ ଆମେ ଅବଗତ ନ ଥିଲୁ । ଖୁବ୍‌ଶୀଘ୍ର ସେହି ହୋର୍ଡିଂ ହଟାଇ ଦିଆଯିବ।

**ଫନ୍ଦି ଫିକର କରି ବାଜି ମାରିଲେ :** ବିଦ୍ରୋହୀ ଓ ପ୍ରତିଦ୍ୱନ୍ଦ୍ୱିଙ୍କୁ ବୁଝାଇ କଣ୍ଟାକୁ ଦୂର କରିବା ପାଇଁ କେତେଜଣ ପ୍ରାର୍ଥୀ ଅନେକ ଫନ୍ଦିଫିକର କରି ବାଜି ମାରିଛନ୍ତି। ଏଥିରେ ବି ଘୋଡା ବେପାର ହୋଇଛି ବୋଲି ଶୁଣିବାକୁ ମିଳୁଛି। ଏହି ସୁଯୋଗରେ କେତେଜଣ ନାମାଙ୍କନପତ୍ର ପ୍ରତ୍ୟାହାର କରି ଭଲ ରୋଜଗାର କରିଥିବା ଚର୍ଚ୍ଚା ହେଉଛି ।


ସରକାରୀ ଦଳର ହୋର୍ଡିଂ ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIIIBBS 2022005, ତା.20.01.2022ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନରେ ହରିଦାସପୁର ଠାରେ ପ୍ରସ୍ତାବିତ ଫ୍ଲାଇଓଭର(Flyover) ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ ସହିତ ଡ୍ରଇଂ/ନକ୍ସା ଇତ୍ୟାଦି ଗୁଡ଼ିକର ପ୍ରସ୍ତୁତି ଏବଂ ଭୂ-ବୈଷୟିକ ଯାଞ୍ଚ (Geo-technical investigation), GAD ର ଡିଜାଇନ୍ ଏବଂ ପ୍ରସ୍ତୁତି ଇତ୍ୟାଦି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 13.68 ଲକ୍ଷ, EMD (ଟଙ୍କାରେ): 27,400/-, କାର୍ଯ୍ୟ ଶେଷ ହେବା ଅବଧି : 03 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.02.2022 ରିଖ 1200 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଋଷ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-114/CE/21-22

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Ghatikia, Khandagiri, Bhubaneswar-30

**QUOTATION CALL NOTICE**

Sealed quotations are invited from Buyers & Sellers / Reputed Firms dealing in old / used official furniture & fixtures and electrical itmes etc. Interested parties may apply by **01.02.2022 (7)** days along with their supporting documents like PAN No & GST registration etc. with their highest rates for purchase of the above materials on inspection of the same lying at our Branch Office located **Utkalika, Sector-5, Rourkela**. The selected Buyers/Sellers wil lift the materials on **"as is where is basis"**. The quotation should be submitted complete in all respect to the **Branch-In-Charge, Utkalika, Sector-5, Rourkela** on or before **01.02.2022 by2.00 P.M.** and will be opened on the same day at **3.00 P.M.** in the presence of the bidders or their authorized representative. The undersigned reserves the right to accept or reject any or all the quotations without assigning any reason thereof.

Sd/- Managing Director

**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 743/P.S.C. Dt.25.01.2022
1E-07-2021/22 (DR-III)

No. D-291: It is for information of all concerned that **Computer Based Recruitment Examination (CBRE)** for recruitment to the post of **Assistant Soil Conservation Officer in Class-II (Group-B),** pursuant to Advertisement No. **13 of 2020-21** will be held on **06.03.2022 (Sunday)**.
The detailed programme of examination will be notified shortly. The candidates are advised to visit **(www.opsc.gov.in)** the wesbite of the Commission regularly for further information on examination related Notice(s).

OIPR-12002/11/0226/2122 Sd./- Secretary

**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
**1st Corrigendum to Bid Identification No. CE-W.B.P. (O) - 27/2021-22**
File No. P-IM-Misc. 10/2008 (Pt.)

No. B-1010: Following changes are made for the work at Sl. No. 01 to Sl. No. 20 of IFB vide Bid Identification No. CE-W.B.P. (O) - 27/2021-22.

| Reference Sl. No. of IFB | Items | Original | Revised as |
|---|---|---|---|
| 1 | 2 | 3 | 4 |
| Para - 04 | The Bid documents will be available in the website: **https://tendersodisha.gov.in** from | 12.01.2022 at 10.00 hours | 28.01.2022 at 10.00 hours |
| Para - 06 | Bids shall be received only "Online" on or before | 31.01.2022 upto 17.00 hours | 14.02.2022 upto 17.00 hours |
| Para - 07 | Bids received online shall be opened at | 11.30 hours on 01.02.2022 | 11.30 hours on 15.02.2022 |

All other terms and conditions remain unchanged.
Sd./- Chief Engineer
OIPR-34003/11/0045/2122 World Bank Project, Odisha